ଧରିତ୍ରୀ
DHARITRI
January 24-30, 2021 ₹ 2/-

# ଛୁଟି ଦିନ



# ଆମ ସମ୍ବିଧାନ କଥା



THE CONSTITUTION OF INDIA

WE, THE PEOPLE OF INDIA, having solemnly resolved to constitute India into a SOVEREIGN DEMOCRATIC REPUBLIC and to secure to all its citizens:

JUSTICE, social, economic and political;

LIBERTY of thought, expression, belief, faith and worship;

EQUALITY of status and of opportunity;

and to promote among them all

FRATERNITY assuring the dignity of the individual and the unity of the Nation;

IN OUR CONSTITUENT ASSEMBLY this twenty-sixth day of November, 1949, do HEREBY ADOPT, ENACT AND GIVE TO OURSELVES THIS CONSTITUTION.

Signature of the artist Beohar Rammanohar Sinha as 'Ram'
अलंकरणकर्ता ब्यौहर राममनोहर सिंहा के संक्षिप्त हस्ताक्षर 'राम'




୩

**ପ୍ରଚ୍ଛଦ ପ୍ରସଙ୍ଗ**

ଆମ ସମ୍ବିଧାନର କିଛି
ଜଣା-ଅଜଣା
କଥାକୁ ନେଇ ଏଥରର ପ୍ରଚ୍ଛଦ...

**ସିନେମା**

୮/୯

**ସହରଠୁ ଦୂର**

୧୩



# ନିଜ ପାଇଁ କିଛି କଥା

ଦୈନନ୍ଦିନ ଜୀବନରେ ଆମେ ଜାଣତରେ ହେଉ ଅବା ଅଜାଣତରେ କିଛି ନା କିଛି ଭୁଲ୍ କରିଥାଉ ; ଯାହା ଭବିଷ୍ୟତରେ ଆମ ପାଇଁ ବିପଦର କାରଣ ସାଜିଥାଏ । ତେଣୁ ଏହି ସାମାନ୍ୟ ଭୁଲ୍‌କୁ ବେଳ ଥାଉ ଥାଉ କିପରି ସୁଧାରି ହେବ ସେ ନେଇ କିଛି ଟିପ୍ସ...



- ଫୋନ୍‌କୁ ସର୍ବଦା ବାମ କାନରେ ଦେଇ କଥା ହେବା ଦରକାର । କାରଣ ଡାହାଣ କାନ ମସ୍ତିଷ୍କର ଖୁବ୍ ନିକଟତର । ତେଣୁ ବାମ କାନରେ କଥା ହେଲେ ଫୋନ୍‌ର ରେଡିୟସନ୍ ଆମ ମସ୍ତିଷ୍କ ଉପରେ ବିଶେଷ ପ୍ରଭାବ ପକାଏ ନାହିଁ ।
- ଅତି ଥଣ୍ଡା ପାଣିରେ ଔଷଧ ଖାଇବା ଅନୁଚିତ୍ । କାରଣ ଥଣ୍ଡା ପାଣିରେ ଔଷଧ ମିଳେଇବା ପାଇଁ ଟିକେ ଅଧିକ ସମୟ ଲାଗେ ।
- ରାତିରେ ସର୍ବଦା ହାଲ୍‌କା ଖାଦ୍ୟ ଖାଇବା ଉଚିତ । କାରଣ ଶୋଇବା ପରେ ପାଚନ ପ୍ରକ୍ରିୟା ଧୀର ହୋଇଯାଏ ; ଯଦ୍ଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇପାରେନା ।
- ଦିନରେ ଅଧିକ ଏବଂ ରାତିରେ କମ୍ ମାତ୍ରାରେ ପାଣି ପିଇବା ଦରକାର ।
- ସେହିପରି ଉତ୍ତମ ନିଦ୍ରାର ସମୟ ହେଉଛି ରାତି ୧୦ଟାରୁ ଭୋର୍ ୪ଟା ।
- ଔଷଧ ଖାଇବା ପରେ ସାଙ୍ଗେ ସାଙ୍ଗେ ଶୋଇବା ଠିକ୍ ନୁହେଁ । କାରଣ ଏପରି କଲେ ବେଳେବେଳେ ଔଷଧ ତଣ୍ଟିରେ ଲାଖିଯିବାର ସମ୍ଭାବନା ଥାଏ ।
- ମୋବାଇଲ୍ ବ୍ୟାଟେରି ୧୫%ରୁ କମ୍ ଥିଲେ କଦାପି କଲ୍ ଉଠାନ୍ତୁ ନାହିଁ । କାରଣ ଏହି ସମୟରେ ଫୋନ୍‌ର ରେଡିୟସନ୍ ୧୦୦୦ ଗୁଣ ଅଧିକ ରହିଥାଏ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୨୪-୩୦



**ମେଷ**
ପଦାଧିକାରୀଙ୍କ ସାହାଯ୍ୟ, ବନ୍ଧୁମିଳନରୁ ଆନନ୍ଦ, ନୂତନ କର୍ମାରମ୍ଭ, ବିଦେଶ ଯାତ୍ରା, ଶିଳ୍ପ ବାଣିଜ୍ୟରେ ଉନ୍ନତି, ଅର୍ଥ ଲାଭ, ସାହିତ୍ୟ, ସଂସ୍କୃତିରୁ ସମ୍ମାନ, ମକଦ୍ଦମାରେ ବିଜୟ, ଯାତ୍ରାରେ ଲକ୍ଷ୍ୟପୂରଣ ।

**ବୃଷ**
କର୍ମକ୍ଷେତ୍ରରେ ଉନ୍ନତି, ପାରିବାରିକ ଅଶାନ୍ତି, ଜିଦ୍‌ଖୋରରୁ ଅନର୍ଥ । କଳା ସାହିତ୍ୟରୁ ପ୍ରଶଂସା, ଯାନବାହନ ଲାଭ, ପାରିବେଶିକ ସମସ୍ୟା, ସନ୍ତାନ ସୁଖ, କ୍ରନିକ୍ ରୋଗରେ ପୀଡ଼ା ।

**ମିଥୁନ**
ଅର୍ଥ ସମ୍ମାନ ଲାଭ, କର୍ମକ୍ଷେତ୍ରରେ ବିବାଦ, ଶାରୀରିକ ଅସୁସ୍ଥତା, ସାଂସ୍କୃତିକ ସମାରୋହ, ଶତ୍ରୁ ଉପଦ୍ରବ ହ୍ରାସ, ଋଣଗ୍ରସ୍ତ ହେବେ, ଯାତ୍ରାରେ କଳହ, ସ୍ତ୍ରୀଙ୍କ ପ୍ରେରଣା, ଧର୍ମକାର୍ଯ୍ୟରେ ବାଧା, ବକେୟା ପ୍ରାପ୍ତି ।

**କର୍କଟ**
ଉଚ୍ଚ ଚିନ୍ତା, ନୂତନ କର୍ମାରମ୍ଭ, ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତତା, ପାରିଶ୍ରମିକକୁ ନେଇ ବିବାଦ, ଭୁଲ୍ ବୁଝାମଣାରୁ କଳହ, ପଡ଼ୋଶୀଙ୍କ ସହଯୋଗ, ପରିବହନରେ ଝଗଡ଼ା, ସନ୍ତାନଙ୍କ କୃତିତ୍ୱ, ନୂତନ ମୈତ୍ରୀ, ପରୋକ୍ଷ ଶତ୍ରୁତା ।

**ସିଂହ**
ଟେନସନ୍ କମିବ, ମିତ୍ରବନ୍ଧୁଙ୍କ ସୌହାର୍ଦ୍ଦ୍ୟ, ଖର୍ଚ୍ଚ ପରିମାଣ ବୃଦ୍ଧି, ଖାଦ୍ୟପେୟର ଅନିୟମିତତା, ଏକାଧିକ କାମରେ ପ୍ରବେଶ, ବୃତ୍ତି ବାଣିଜ୍ୟରେ ପ୍ରତିବନ୍ଧକ, ପାରିବାରିକ ସୌଖ୍ୟ ।

**କନ୍ୟା**
ନୂତନ ପ୍ରକଳ୍ପାରମ୍ଭ, ଧନହାନି, ସୁଯୋଗ ହରାଇବେ, ସମସ୍ୟା ସମାଧାନ । ଋଣ ସୂତ୍ରରେ ଅର୍ଥଲାଭ, ରାଜନୈତିକ ବିବାଦ, ମିଥ୍ୟା ଗୁଜବରୁ ଆଶଙ୍କା, ମଙ୍ଗଳୋତ୍ସବ କାର୍ଯ୍ୟର ଆଲୋଚନା, ବନ୍ଧୁମିଳନ, ସାମ୍ବାଦିକତାରୁ ଗୌରବ ।



**ତୁଳା**
ବ୍ୟସ୍ତତା ଦୂର ହେବ, ସୁସ୍ୱାଦୁ ଭୋଜନ ଲାଭ, ଧର୍ମାନୁଷ୍ଠାନରେ ଯୋଗଦାନ, କାର୍ଯ୍ୟରେ ସଫଳତା, ଆଶା ପୂରଣ ହେବ, ନୂତନ କାର୍ଯ୍ୟାରମ୍ଭ । ତୀର୍ଥାଟନର ଯୋଜନା, ରୋଗପୀଡ଼ାରୁ ଦୁଃଖ, ଭୂସମ୍ପତ୍ତିକୁ ନେଇ ବିବାଦ ।

**ବିଛା**
ପାରିବାରିକ ସମସ୍ୟା, ଅର୍ଥ ସଂକଟ, କଳା ସାହିତ୍ୟରେ ଉନ୍ନତି, ମିତ୍ରତା ବୃଦ୍ଧି ପାଇବ, ସ୍ୱାସ୍ଥ୍ୟରେ ପରିବର୍ତ୍ତନ, ବନ୍ଧୁଙ୍କ ସାହାଯ୍ୟ ଲାଭ, ପାରିବାରିକ ସୌଖ୍ୟ, ଶତ୍ରୁତାର ସମାଧାନ, ଧର୍ମ କାର୍ଯ୍ୟରେ ବିଘ୍ନ, ସହକର୍ମୀଙ୍କ ସୌଜନ୍ୟତା ।

**ଧନୁ**
ଦୂରଯାତ୍ରାରେ ସମସ୍ୟା, ପଡ଼ୋଶୀଙ୍କ ପ୍ରତିବାଦ, କରଜଦାତାଙ୍କ ଚାପ, ମନ ଭାରାକାନ୍ତ ରହିବ, ବ୍ୟବସାୟରେ ଉନ୍ନତି, ବକେୟା ପାଇବେ, ଋଣଚିନ୍ତା ବଢ଼ିବ, ଦୂରଯାତ୍ରାରେ ସଫଳତା, ସାଧାରଣ କଥାରୁ କଳହ ।

**ମକର**
ସମ୍ପର୍କହାନିରୁ ମନସ୍ତାପ, ଦୈହିକ ଦୁର୍ବଳତା, ଅର୍ଥନୈତିକ ଅଭିବୃଦ୍ଧି, କାର୍ଯ୍ୟସିଦ୍ଧିରୁ ଆନନ୍ଦ । ମିତ୍ରତା ବୃଦ୍ଧି, ଯାନ୍ତ୍ରିକ ଜିନିଷ କ୍ରୟ, ଯାତ୍ରାରେ ଲକ୍ଷ୍ୟପୂରଣ, ଗବେଷଣାରେ ଅଗ୍ରଗତି, ସଙ୍ଗୀତ ସାଧନାରେ ଅଭିରୁଚି ।

**କୁମ୍ଭ**
ମାନସିକ ଅଶାନ୍ତି, ଅପ୍ରିୟ ସତ୍ୟରୁ କଳହ, ସମ୍ପତ୍ତି ପାଇଁ ଟଣାଓଟରା, ଅଧାପନାରୁ ପ୍ରଶଂସା । ଟେନସନ୍ କମିଯିବ, ଶୁଭ ଖବର ପାଇବେ, ଅନିଦ୍ରାଜନିତ ପୀଡ଼ା, ପରୋକ୍ଷ ଶତ୍ରୁତା, ସ୍ତ୍ରୀଙ୍କ ସହ ମତାନ୍ତର, ଧର୍ମକାର୍ଯ୍ୟରେ ତତ୍ପରତା ।

**ମୀନ**
ସ୍ନାୟବିକ ଦୁର୍ବଳତା, ମାନସିକ ଦ୍ୱନ୍ଦ୍ୱର ଅବସାନ । ଗୃହୋପଯୋଗୀ ଜମିଲାଭ, ସମ୍ପର୍କ ଯୋଡ଼ି ହୋଇଯିବ, ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନି, ବୃଥା ସନ୍ଦେହରୁ ବିବାଦ, ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ, ଶରୀର ପୀଡ଼ା । ସାମାଜିକ ସମ୍ମାନ, ଶୁଭଖବର ପ୍ରାପ୍ତି, କର୍ମକ୍ଷେତ୍ରରେ ପ୍ରତିଷ୍ଠା ।

# ଇଣ୍ଡୋନେସିଆର ବୃହତ୍ତମ ଗରୁଡ଼ ବିଷ୍ଣୁ ମୂର୍ତ୍ତି

ହିନ୍ଦୁ ପୁରାଣ ଅନୁସାରେ ଭଗବାନ ବିଷ୍ଣୁ ହେଉଛନ୍ତି ପାଳନକର୍ତ୍ତା ଓ ତାଙ୍କର ବାହନ ହେଲେ ଗରୁଡ଼ । ଗରୁଡ଼ଙ୍କ ଉପରେ ବିରାଜିତ ଭାଗବାନ ବିଷ୍ଣୁଙ୍କର ଅନେକ ମୂର୍ତ୍ତି ବିଭିନ୍ନ ସ୍ଥାନରେ ରହିଛି । ହେଲେ ଇଣ୍ଡୋନେସିଆର ବାଲି ଦ୍ୱୀପ ଅନ୍ତର୍ଗତ ଏକ ସାଂସ୍କୃତିକ ଉଦ୍ୟାନରେ ଥିବା ୧୨୨ ମିଟର ଉଚ୍ଚତାବିଶିଷ୍ଟ ଗରୁଡ଼ ବିଷ୍ଣୁ ମୂର୍ତ୍ତିର କଥା ହିଁ କିଛି ଅଲଗା । ଏହା ହେଉଛି ସ୍ଥାନୀୟ ଅଞ୍ଚଳର ଏକ ବୃହତ୍ତମ ସ୍ଥାପତ୍ୟ ; ଯାହାକି ନ୍ୟୁୟର୍କସ୍ଥିତ ଷ୍ଟାଚ୍ୟୁ ଅଫ୍ ଲିବର୍ଟିଠାରୁ ପ୍ରାୟ ୩୦ ମିଟର ଅଧିକ ଉଚ୍ଚ ବୋଲି ସୂଚନା ରହିଛି । ସେହିପରି ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ଗଠନଶୈଳୀ ଟିକେ ପତଳା ଓ ଲମ୍ବା ହୋଇଥିବା ବେଳେ, ଏହି ଗରୁଡ଼ ବିଷ୍ଣୁ ମୂର୍ତ୍ତିଟି ଉଭୟ ଚଉଡ଼ା ଓ ଉଚ୍ଚତାରେ ଏହାଠାରୁ ବଡ଼ ଦେଖାଯାଇଥାଏ । ତଥ୍ୟ ଅନୁଯାୟୀ, ନ୍ୟୋମନ ନୁଆର୍ତା ନାମକ ଜଣେ ମୂର୍ତ୍ତିକାର ଏହି ମୂର୍ତ୍ତିର ରୂପାଙ୍କନ କରିଥିଲେ ଓ ଏହାର ନିର୍ମାଣ କାର୍ଯ୍ୟ ଜୁଲାଇ ୩୧, ୨୦୧୮ରେ ଶେଷ ହୋଇଥିଲା । ଆଉ ଇଣ୍ଡୋନେସିଆର ରାଷ୍ଟ୍ରପତି ଜୋକୋ ୱିଡୋଡୋ ସେପ୍ଟେମ୍ବର ୨୨, ୨୦୧୮ ରେ ଏହି ମୂର୍ତ୍ତିର ଉଦ୍‌ଘାଟନ କରିଥିଲେ ।



# ପାଠକୀୟ

- ଦିନେ ଅବସରବିନୋଦନର ମୁଖ୍ୟ ମାଧ୍ୟମ ଥିବା ଲୋକକଳାରୁ ଏବେ ଅନେକ ବିଲୁପ୍ତପ୍ରାୟ ହେବାକୁ ବସିଥିବାବେଳେ, ତା'ର ପୁନରୁଦ୍ଧାର ପାଇଁ ସରକାରଙ୍କଠାରୁ ଆରମ୍ଭକରି ବିଭିନ୍ନ ସଂଗଠନ ଅଣ୍ଟା ଭିଡ଼ିଛନ୍ତି, ଯାହା ଏକ ଉତ୍ତମ ପଦକ୍ଷେପ । ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଲୋକକଳା କଥା'ଟି ଅତି ଚମତ୍କାର ହୋଇଥିଲା । 'ପକେଟରେ ରଖିଲେ ଶୁଭ', 'ସବୁଠୁ ହାଲୁକା ବସ୍ତୁ' ଆଦି ପାଠଗୁଡ଼ିକ ବି ବେଶ୍ ଶିକ୍ଷଣୀୟ ଥିଲା ।
  **–ପଦ୍ମଚରଣ ବେହେରା, ରମ୍ଭା, ଗଞ୍ଜାମ**
- ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଲୋକକଳା କଥା'ଟି ଏକ ଅନନ୍ୟ ଉପସ୍ଥାପନା । ଏଥିରୁ ଲୋକକଳା ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'କାର୍ଡିଗାନ୍ ଫ୍ୟାଶନ୍' ସମ୍ପର୍କରେ ମଧ୍ୟ ଅନେକ କିଛି ଜାଣିହେଲା । ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ଏକରେ ଅନେକ ରମାକାନ୍ତ ମିଶ୍ରଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ଜାଣି ବହୁ ପ୍ରେରଣା ମିଳିଲା । **–ସୁକାନ୍ତ ବିଶ୍ୱାଳ, ମାଲୁଦ, ପୁରୀ**
- ସୃଜନ ପୃଷ୍ଠାରେ ସ୍ଥାନିତ 'ଶେଷ ସନ୍ତକ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା । ତା'ଛଡ଼ା ସିନେମା ସମ୍ପର୍କିତ ପାଠଗୁଡ଼ିକ ପଢ଼ିବାକୁ ମୋତେ ବହୁତ ଭଲ ଲାଗେ । ଖାସ୍ କରି ଛୁଟିଦିନର ଏଥରର ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ହୋଇଥିଲା । ଅନ୍ୟପକ୍ଷେ ପ୍ରଥମ ରୋଜଗାର ସ୍ତମ୍ଭରୁ ସମ୍ପାଦିକା ତଥା ସାମାଜିକ କର୍ମୀ ମମତା ମହାପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ମର୍ମସ୍ପର୍ଶୀ ଥିଲା ।
  **–ଲକ୍ଷ୍ମୀଧର ଜେନା, ସୋରଣ, ଖୋର୍ଦ୍ଧା**
- ସାଥୀର ଉତ୍ତରଗୁଡ଼ିକ ବେଶ୍ ରୋମାଣ୍ଟିକ୍ ହୋଇପାରୁଛି । 'ନିଆରା ପ୍ରଜାପତି' ପାଠରୁ ଭିନ୍ନ ଭିନ୍ନ ପ୍ରଜାପତିଙ୍କ ସମ୍ପର୍କରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା । ହାଃ ହାଃ ମଧ୍ୟ ଖୁବ୍ ମଜାଦାର୍ ହୋଇପାରୁଛି । ସେହିପରି ସହର ପୃଷ୍ଠାରୁ 'ଗୁଡ଼ି ସଂଗ୍ରହାଳୟ' ସମ୍ପର୍କରେ ଅନେକ ଅଜଣା ତଥ୍ୟ ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ମଡେଲ୍ ମିରର୍‌ରେ ନିକିତା ବି ବେଶ୍ ସୁନ୍ଦରୀ ଲାଗୁଥିଲେ । **–ସତ୍ୟ ବେହେରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
- ବିବିଧା ଓ ବ୍ୟାକ୍‌ପେଜ୍‌ରେ ସ୍ଥାନିତ ଛୋଟ ଛୋଟ ତଥା ଆଶ୍ଚର୍ଯ୍ୟ କରିଦେବା ଭଳି ପାଠଗୁଡ଼ିକ ପଢ଼ିବାକୁ ମୋତେ ବହୁତ ଭଲଲାଗେ । ଏଇ ଯେମିତିକି ଏଥରର ବିବିଧାରେ ସ୍ଥାନ ପାଇଥିବା 'ବଡ଼ ଚିଲ' ପାଠଟି ତଥା ବ୍ୟାକ୍‌ପେଜ୍‌ରେ ସ୍ଥାନ ପାଇଥିବା 'ଆପାର୍ଟମେଣ୍ଟ ଭିତରେ ଚାଲୁଛି ଟ୍ରେନ୍' ଏବଂ 'ସବୁଠୁ ବଡ଼ ବାଇସାଇକେଲ୍' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା ।
  **–ରବି ସାହୁ, ଶରଣକୁଳ, ନୟାଗଡ଼**
- 'ଅଜବ ବ୍ରିଜ୍' ପାଠଟି ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା ସତ, ହେଲେ ଏଥିରୁ ଦୁନିଆରେ ଥିବା କେତେକ ନିଆରା ଡିଜାଇନ୍‌ର ବ୍ରିଜ୍ ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ସେହିପରି କାର୍ଟୁନ କର୍ନର ବି ମଜାଳିଆ ହେଉଥିବାରୁ ଭଲ ଲାଗୁଛି ।
  **–ଧର୍ମେନ୍ଦ୍ର ପ୍ରଧାନ, ରାଣୀହାଟ, କଟକ**

## ବିଶେଷ ଚିଠି



ଛୁଟିଦିନ ଆହେ ଛୁଟିଦିନ
ତୁମ ପରି କେହି ନୁହଁ ସମ,
ସଂସାର ଜାକର ଖବରକୁ
କରିଥାଅ ତୁମେ ସୁନ୍ଦର ଉପସ୍ଥାପନ,
କାଳିଆ ପାଖରେ କରୁଛି ଗୁହାରି
ଏମିତି କରୁଥାଅ ସର୍ବଦା କୀର୍ତ୍ତି ଅର୍ଜନ ।

**–ଅଶୋକ କୁମାର ମହାନ୍ତି,**
**ଚକ୍ରତୀର୍ଥ ରୋଡ୍, ପୁରୀ–୨**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# ଆମ ସମ୍ବିଧାନ କଥା




ଭାରତ ପୃଥିବୀର ସବୁଠାରୁ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ର। ଏହି ଗଣତାନ୍ତ୍ରିକ ରାଷ୍ଟ୍ର ଭାରତୀୟ ସମ୍ବିଧାନ ଦ୍ୱାରା ଶାସିତ। ଯେଉଁ ସମ୍ବିଧାନ ପୃଥିବୀର ସବୁଠାରୁ ଲମ୍ବା ହସ୍ତଲିଖିତ ସମ୍ବିଧାନ। ଏହାକୁ ପୃଥିବୀର ସର୍ବୋତ୍ତମ ସମ୍ବିଧାନ ଭାବେ ମଧ୍ୟ ଗଣନା କରାଯାଏ। ୨୬ ଜାନୁୟାରୀ ୧୯୫୦ ମସିହାରେ ଏହି ସମ୍ବିଧାନ ଲାଗୁ ହୋଇଥିଲା। ଆଉ ଏହି ଦିନଟିକୁ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଯାଏ। ସେହି ମହାନ ସମ୍ବିଧାନ ସମ୍ପର୍କରେ କିଛି ଜାଣିନେବା –

- ଡିସେମ୍ବର ୬, ୧୯୪୬ରେ ସମ୍ବିଧାନ ସଭା ଗଠନ ହୋଇଥିଲା। ଏହାର ୩ ଦିନ ପରେ ୯ ଡିସେମ୍ବରରେ କନ୍‌ଷ୍ଟିଚ୍ୟୁଶନ୍ ହଲ୍ (ବର୍ତ୍ତମାନର ପାର୍ଲାମେଣ୍ଟ ହାଉସ୍‌ର ସେଣ୍ଟ୍ରାଲ ହଲ୍)ରେ ଏହାର ପ୍ରଥମ ବୈଠକ ବସିଥିଲା। ସଚ୍ଚିଦାନନ୍ଦ ସିହ୍ନା ହୋଇଥିଲେ ଏହାର ଅଧ୍ୟକ୍ଷ(ଅସ୍ଥାୟୀ)। ୧୧ ଡିସେମ୍ବରରେ ରାଜେନ୍ଦ୍ର ପ୍ରସାଦଙ୍କୁ ଅଧ୍ୟକ୍ଷଭାବେ ନିଯୁକ୍ତ କରାଯାଇଥିଲା।
- ୨୯ ଅଗଷ୍ଟ ୧୯୪୭ରେ ଡ୍ରାଫ୍ଟିଂ କମିଟି ବି.ଆର୍.ଆମ୍ବେଡକରଙ୍କୁ ଏହାର ଚେୟାରମ୍ୟାନ ନିଯୁକ୍ତ କରିଥିଲେ। ଆମ୍ବେଡକରଙ୍କୁ ଭାରତୀୟ ସମ୍ବିଧାନର ପ୍ରଧାନ ବାସ୍ତୁକାର ବା ନିର୍ମାତା ବୋଲି କୁହାଯାଏ।
- ସମ୍ବିଧାନ ସଭାର ମୋଟ ୧୧ଟି ସେସନ୍‌ର ବୈଠକ ହୋଇଥିଲା। ସମ୍ବିଧାନ ସଭାର ୧୧ତମ ସେସନ୍ ୧୪–୨୬ ନଭେମ୍ବର ୧୯୪୯ ମଧ୍ୟରେ ହୋଇଥିଲା।
- ୨୬ ନଭେମ୍ବର ୧୯୪୯ରେ ସମ୍ବିଧାନର ଫାଇନାଲ ଡ୍ରାଫ୍ଟ ତିଆରି ଚୂଡ଼ାନ୍ତ ହୋଇଥିଲା। ଆଉ ଭାରତୀୟ ସମ୍ବିଧାନ ପାସ୍ ହେଲା।
- ୨୪ ଜାନୁୟାରୀ ୧୯୫୦ରେ ସମ୍ବିଧାନ ସଭାର ୨୮୪ ଜଣ ସଦସ୍ୟ ଭାରତୀୟ ସମ୍ବିଧାନକୁ ସମ୍ବିଧାନ ଭବନ(ସଂସଦର କେନ୍ଦ୍ରୀୟ କକ୍ଷ)ରେ ହସ୍ତାକ୍ଷର କରିଥିଲେ। ଏଥିରେ ୧୫ ଜଣ ମହିଳା ସାମିଲ ଥିଲେ।



THE CONSTITUTION OF INDIA

WE, THE PEOPLE OF INDIA, having solemnly resolved to constitute India into a SOVEREIGN DEMOCRATIC REPUBLIC and to secure to all its citizens:

JUSTICE, social, economic and political;

LIBERTY of thought, expression, belief, faith and worship;

EQUALITY of status and of opportunity;

and to promote among them all

FRATERNITY assuring the dignity of the individual and the unity of the Nation;

IN OUR CONSTITUENT ASSEMBLY this twenty-sixth day of November, 1949, do HEREBY ADOPT, ENACT AND GIVE TO OURSELVES THIS CONSTITUTION.



Signature of the artist Beohar Rammanohar Sinha as 'Ram'
अलंकरणकर्ता व्यौहार राममनोहर सिंहा के संक्षिप्त हस्ताक्षर 'राम'

**ହସ୍ତଲିଖିତ ସମ୍ବିଧାନର ପ୍ରିଏମ୍ବଲ**

- ୨୬ ଜାନୁୟାରୀ ୧୯୫୦ରେ ଆମ ସମ୍ବିଧାନ ଲାଗୁ ହେଲା। ଆଉ ଏହି ଦିନକୁ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଗଲା। ସମ୍ବିଧାନର ପୂରା ପ୍ରକ୍ରିୟା ଶେଷ ହେବା ତଥା ସମ୍ବିଧାନ ପୂର୍ଣ୍ଣ ରୂପରେ ତିଆରି ହେବାକୁ ୨ ବର୍ଷ ୧୧ ମାସ, ୧୮ ଦିନ ସମୟ ଲାଗିଥିଲା।
- ୨୬ ଜାନୁୟାରୀ ୧୯୫୦ରେ ଭାରତ ଗଣରାଜ୍ୟ ରାଷ୍ଟ୍ରରେ ପରିଣତ ହେବା ସହ ଭାରତର ଜାତୀୟ ପ୍ରତୀକଭାବେ ଅଶୋକଙ୍କ ରାଜଧାନୀ ସାରନାଥର ସିଂହ ସ୍ତମ୍ଭକୁ ଗ୍ରହଣ କରାଗଲା।
- ସମ୍ବିଧାନ ନିର୍ମାତାମାନେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଦେଶର ସମ୍ବିଧାନକୁ ଅବଲୋକନ କରି, ସେହି ସବୁ ସମ୍ବିଧାନର ଯେଉଁ ଯେଉଁ ବ୍ୟବସ୍ଥା ଭାରତ ପାଇଁ ସର୍ବଶ୍ରେଷ୍ଠ ମନେ କରିଥିଲେ ତାକୁ ଭାରତୀୟ ସମ୍ବିଧାନରେ ସାମିଲ କରିଥିଲେ।
- ସମ୍ବିଧାନର ପ୍ରଥମ ଡ୍ରାଫ୍ଟ ତିଆରି ଓ ଏହାକୁ ନେଇ ଡିବେଟ୍ ଓ ଡିସ୍‌କସନ୍ ପାଇଁ ଉପସ୍ଥାପନା କରିବା ଭିତରେ ଡ୍ରାଫ୍ଟରେ ୨୦୦୦ ସଂଶୋଧନ ହୋଇ ଚୂଡ଼ାନ୍ତ ରୂପ ପାଇଥିଲା।
- ସମ୍ବିଧାନ ତିଆରିରେ ୬.୪ ମିଲିୟନ ଟଙ୍କା ଖର୍ଚ୍ଚ ହୋଇଥିଲା।



ଡ. ବି. ଆର୍. ଆମ୍ବେଡକର୍



ସମ୍ବିଧାନର ଉଭୟ ହିନ୍ଦୀ ଓ ଇଂରାଜୀ ସଂସ୍କରଣକୁ ନିଜ ହାତରେ ଲେଖିଥିବା ପ୍ରେମ ବିହାରୀ ନାରାୟଣ ରାୟଜାଦା

- ଆମ ସମ୍ବିଧାନ ହେଉଛି ପୃଥିବୀର ସବୁଠାରୁ ଲମ୍ବା ହସ୍ତଲିଖିତ ସମ୍ବିଧାନ। ଏଥିରେ ଏକ ପ୍ରିଏମ୍ବଲ ଅଛି । ଏହା ୨୫ ଭାଗରେ ବିଭକ୍ତ ହେବା ସହ ଏଥିରେ ୪୭୦ ଆର୍ଟିକଲ, ୧୨ଟି ସିଡ୍ୟୁଲ, ୫ ଆପେନଡାଇସେସ୍ ଅଛି।

- ସମ୍ବିଧାନର ମୂଳ କପିକୁ ପ୍ରିଣ୍ଟ କିମ୍ବା ଟାଇପ୍ କରାଯାଇନାହିଁ। ଏହାର ଉଭୟ ହିନ୍ଦୀ ଓ ଇଂଲିଶ ଭାଷାର ସଂସ୍କରଣ ହସ୍ତଲିଖିତ । ଆଉ ଏହାକୁ ଲେଖିଥିବା ବ୍ୟକ୍ତି ହେଉଛନ୍ତି ପ୍ରେମ ବିହାରୀ ନାରାୟଣ ରାୟଜାଦା। ସେ ସମ୍ବିଧାନକୁ ଖୁବ୍ ସୁନ୍ଦରଭାବେ ଇଟାଲିକ୍ ଶୈଳୀରେ ଲେଖିଛନ୍ତି। ତାଙ୍କ ଅକ୍ଷର ଏତେ ସୁନ୍ଦର ଯେ, ଲାଗେ ସତେଯେମିତି ପ୍ରିଣ୍ଟ ହୋଇଛି। ଲେଖିବା ପରେ ପ୍ରତି ପୃଷ୍ଠାକୁ ଶାନ୍ତିନିକେତନର କଳାକାରମାନେ ସୁନ୍ଦର ଚିତ୍ର କରି ସଜାଇଥିଲେ। ଏହି କଳାକାରଙ୍କ ମଧ୍ୟରେ ରାମ ମନୋହର ସିହ୍ନା ଓ ନନ୍ଦଲାଲ ବୋଷ ଅନ୍ୟତମ।

- ଉଭୟ ହିନ୍ଦୀ ଓ ଇଂରାଜୀ ଭାଷାରେ ଲିଖିତ ସମ୍ବିଧାନର ଓରିଜିନାଲ କପି ପାର୍ଲାମେଣ୍ଟର ଲାଇବ୍ରେରିରେ ହିଲିୟମ୍ ଗ୍ୟାସ୍ ଥିବା ବାକ୍ସ ଭିତରେ ରଖାଯାଇଛି। ଯେମିତିକି ଏହା ଦୀର୍ଘଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିବ।

- ଭାରତୀୟ ସମ୍ବିଧାନକୁ ଅନେକ ସମୟରେ 'ଉଧାରର ଥଳି' ବା 'ବ୍ୟାଗ ଅଫ୍ ବରୋଇଙ୍ଗସ୍' ବୋଲି କୁହାଯାଏ। କାରଣ ବିଭିନ୍ନ ଦେଶର ସମ୍ବିଧାନରୁ ଯେଉଁସବୁ ବ୍ୟବସ୍ଥା ଭାରତ ପାଇଁ ଉପଯୁକ୍ତ ମନେ କରାଗଲା ତାକୁ ଭାରତୀୟ ସମ୍ବିଧାନରେ ସାମିଲ କରାଯାଇଥିଲା। ତେବେ ଆମ ସମ୍ବିଧାନକୁ ଅନ୍ୟ ସମ୍ବିଧାନର କେବଳ କପି ବୋଲି କହି ହେବ ନାହିଁ, ଏହା ତା'ଠାରୁ ବହୁ ଉର୍ଦ୍ଧ୍ୱରେ।

- ସମ୍ବିଧାନରେ ବର୍ଣ୍ଣିତ ସ୍ୱତନ୍ତ୍ରତା, ସମାନତା ଓ ଭ୍ରାତୃତ୍ୱର ଆଦର୍ଶ ଫ୍ରାନ୍ସ ସମ୍ବିଧାନରୁ ଗୃହୀତ। ଆହୁରି ଅନେକ ଦେଶ ମଧ୍ୟ ଫ୍ରାନ୍ସର ସ୍ଲୋଗାନ– 'ଲିବର୍ଟି, ଇକ୍ୱାଲିଟି ଆଣ୍ଡ ଫ୍ରାଟରନିଟି'ର ଆଦର୍ଶକୁ ଗ୍ରହଣ କରିଛନ୍ତି।




ଶାନ୍ତିନିକେତନର କଳାକାରଙ୍କ ଦ୍ୱାରା ହସ୍ତଲିଖିତ ସମ୍ବିଧାନରେ ହୋଇଥିବା ସୁନ୍ଦର କାରିଗରୀ



ସମ୍ବିଧାନରେ ହସ୍ତାକ୍ଷର କରୁଛନ୍ତି ଜୱାହର ଲାଲ ନେହେରୁ



ପାର୍ଲାମେଣ୍ଟ ପାଠାଗାରରେ ଥିବା ହିନ୍ଦୀ ଓ ଇଂରାଜୀ ଭାଷାରେ ଲିଖିତ ସମ୍ବିଧାନର ଓରିଜିନାଲ କପି

- ଭାରତୀୟ ସମ୍ବିଧାନରେ ଥିବା ୫ ବାର୍ଷିକ ଯୋଜନା ୟୁନିୟନ ଅଫ୍ ସୋଭିଏତ୍ ସୋସିଆଲିଷ୍ଟ ରିପବ୍ଲିକ୍ସରୁ ଉଧାର ଅଣାଯାଇଛି।

- ଆମ ସର୍ବୋଚ୍ଚ ନ୍ୟାୟାଳୟକୁ ନିୟନ୍ତ୍ରଣ କରୁଥିବା ଆଇନକୁ ଜାପାନ ସମ୍ବିଧାନରୁ ଗ୍ରହଣ କରାଯାଇଛି।

- ଡାଇରେକ୍ଟିଭ ପ୍ରିନ୍ସିପଲ୍ସ(ସୋସିଓ ଇକୋନୋମିକ୍ ରାଇଟ୍ସ) ଆୟର୍ଲାଣ୍ଡରୁ ଆସିଛି।

- ଜରୁରିକାଳୀନ ପରିସ୍ଥିତିରେ ଫଣ୍ଡାମେଣ୍ଟାଲ ରାଇଟ୍ସ ବା ମୌଳିକ ଅଧିକାରର ସ୍ଥଗିତକରଣ ବ୍ୟବସ୍ଥା ଜର୍ମାନୀର ୱେଇମାର୍ ସମ୍ବିଧାନରୁ ଗୃହୀତ।

- ଆମ ସମ୍ବିଧାନରେ ଦିଆଯାଇଥିବା ଫଣ୍ଡାମେଣ୍ଟାଲ ରାଇଟ୍ସ ବା ମୌଳିକ ଅଧିକାର ଆମେରିକା ସମ୍ବିଧାନରୁ ଆସିଛି। ଭାରତୀୟ ସମ୍ବିଧାନରେ ୬ଟି ମୌଳିକ ଅଧିକାରକୁ ସମସ୍ତ ନାଗରିକଙ୍କ ପ୍ରମୁଖ ମାନବ ଅଧିକାରଭାବେ ମାନ୍ୟତା ମିଳିଛି।

- ପ୍ରାରମ୍ଭିକ ସମୟରେ 'ରାଇଟ୍ ଟୁ ପ୍ରପର୍ଟି' ମଧ୍ୟ ଏକ ମୌଳିକ ଅଧିକାର ଥିଲା। ଆର୍ଟିକଲ ୩୧ ଅନୁଯାୟୀ– 'ନୋ ପର୍ସନ ସାଲ୍ ବି ଡିପ୍ରାଇଭ୍ଡ ଅଫ୍ ହିଜ୍ ପ୍ରପର୍ଟି ସେଭ୍ ବାୟ ଅଥୋରିଟି ଅଫ୍ ଲ'। ତେବେ ୧୯୭୮, ୪୪ତମ ସଂଶୋଧନରେ ଏହାକୁ ମୌଳିକ ଅଧିକାର ତାଲିକାରୁ ବାଦ୍ ଦିଆଗଲା।

- ଆମେରିକା ସମ୍ବିଧାନର ପ୍ରିଏମ୍ବଲ୍‌ରୁ ଭାରତୀୟ ସମ୍ବିଧାନର ପ୍ରିଏମ୍ବଲ ଅନୁପ୍ରେରିତ ହୋଇଛି, ଯାହାର ଏକ ପ୍ରମାଣ ହେଉଛି ଯେ, ଉଭୟ ଦେଶର ପ୍ରିଏମ୍ବଲ 'ଉଇ ଦି ପିପୁଲ'ରୁ ଆରମ୍ଭ ହୋଇଛି।

- ୧୯୫୦ରେ ସମ୍ବିଧାନ କାର୍ଯ୍ୟକାରୀ ହେବାଠାରୁ ୨୦୧୯ ଜାନୁୟାରୀ ୧୪ ତାରିଖ ମଧ୍ୟରେ ଭାରତୀୟ ସମ୍ବିଧାନରେ ୧୦୪ ଥର ସଂଶୋଧନ ହୋଇସାରିଲାଣି। ସେଥିପାଇଁ ଭାରତୀୟ ସମ୍ବିଧାନକୁ ଏକ ସର୍ବୋତ୍ତମ ସମ୍ବିଧାନ ଭାବେ ଗଣନା କରାଯାଏ।

–ଶିବାନୀ




ଭାରତ ଓ ଆମେରିକା ସମ୍ବିଧାନର ପ୍ରିଏମ୍ବଲ 'ଉଇ ଦି ପିପୁଲ'ରୁ ଆରମ୍ଭ



ଡ. ରାଜେନ୍ଦ୍ର ପ୍ରସାଦ ହସ୍ତଲିଖିତ ସମ୍ବିଧାନକୁ ଦେଖୁଛନ୍ତି



ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଅନ୍ୟ ସଦସ୍ୟମାନେ ସମ୍ବିଧାନରେ ହସ୍ତାକ୍ଷର କରୁଛନ୍ତି

# ଟ୍ରାଇ କଲର୍ ଫ୍ୟାଶନ











**ସାଧାରଣତନ୍ତ୍ର ଦିବସ ଅବସରରେ ଟିକେ ଖାସ୍ ଲୁକ୍ ପାଇବା ପାଇଁ ପ୍ରାୟ ସମସ୍ତଙ୍କର ଇଚ୍ଛା ଥାଏ। ଏଥିପାଇଁ ଜାତୀୟ ପତାକାର ରଙ୍ଗ ସହ ମ୍ୟାଚ୍ କଲା ଭଳି ଟ୍ରାଇ କଲର୍ ଥିମ୍‌ର ଆଉଟ୍‌ଫିଟ୍ ହେଉ ଅବା ଆସେସରିଜ୍‌କୁ ଟ୍ରାଏ କରିବା ସବୁଠୁ ଭଲ ଅପ୍ସନ। ତା'ଛଡ଼ା ମେକ୍‌ଅପ୍‌ରେ ବି ଆପଣ ଚାହିଁଲେ ଟ୍ରାଇ କଲର୍ ଥିମ୍‌କୁ କିଛିଟା ଆପଣେଇ ପାରିବେ...**



**ଶାଢ଼ି:** ଆଜିକାଲି ମାର୍କେଟ୍‌ରେ ଟ୍ରାଇକଲର୍ ଥିମ୍ ଥିବା ଭିନ୍ନ ଭିନ୍ନ ଫ୍ୟାବ୍ରିକ୍‌ର ଶାଢି ଉପଲବ୍ଧ ହେଲାଣି। ଆପଣ ଚାହିଁଲେ ନିଜ ପସନ୍ଦ ମୁତାବକ ଯେ କୌଣସି ଫ୍ୟାବ୍ରିକ୍‌ର ଟ୍ରାଇ କଲର୍ ଶାଢି ପିନ୍ଧି ଏହିଦିନ ଖାସ୍ ଲୁକ୍ ପାଇପାରିବେ।

**ଦୁପଟ୍ଟା:** ଯେଉଁମାନଙ୍କର ସାଲଓ୍ୱାର ପିନ୍ଧିବା ପସନ୍ଦ, ସେମାନେ ଚାହିଁଲେ ଏହିଦିନ ଧଳା ରଙ୍ଗର ସାଲଓ୍ୱାର୍ ପିନ୍ଧି ତା'ଉପରେ ଟ୍ରାଇ କଲର୍ ଥିମ୍ ବାଲା ଦୁପଟ୍ଟା ପକାଇ କ୍ଲାସି ଲୁକ୍ ପାଇପାରିବେ।

**ଚୁଡ଼ି:** ଆପଣ ଚାହିଁଲେ ଏହି ଖାସ୍ ଦିନ ଅବସରରେ ଆଉଟ୍‌ଫିଟ୍‌କୁ ମ୍ୟାଚ୍ କରି ଟ୍ରାଇ କଲର୍ ଚୁଡି ବି ପିନ୍ଧିପାରିବେ ; ଏଇ ଯେମିତି ଟ୍ରାଇ କଲର୍‌ର ପାଣି ଚୁଡି କିମ୍ବା ମେଟାଲ୍ ଚୁଡ଼ି ଅବା ସିଲ୍କ ସୂତାରେ ତିଆରି ହେଉଥିବା ଲାଟେଷ୍ଟ ମଡେଲ୍‌ର ଚୁଡ଼ି ବି ଏଥିପାଇଁ ଭଲ ଅପ୍ସନ ହୋଇପାରିବ। ତା'ଛଡ଼ା ଆଜିକାଲି ଟ୍ରାଇ କଲର୍ ଫ୍ଲୋରାଲ୍ ଡିଜାଇନ୍ ଚୁଡ଼ିର ମଧ୍ୟ ଭଲ ଚାହିଦା ରହୁଥିବା ଦେଖିବାକୁ ମିଳୁଛି।

**ଇୟର ରିଂ:** ଟ୍ରାଇ କଲର୍ ଇୟର ରିଂ ବି ଏହିଦିନ ଟିକେ ଡିଫରେଣ୍ଟ ଲୁକ୍ ଦେଇଥାଏ। ମାର୍କେଟ୍‌ରେ ଏହାର ଅନେକ ଭେରାଇଟି ମଧ୍ୟ ଉପଲବ୍ଧ ହେଲାଣି ; ଯେମିତିକି ଟ୍ରାଇ କଲର୍‌ର ସିଲ୍କ ସୂତାରେ ତିଆରି ଇୟର ରିଂ, ପେଣ୍ଡି ଅବା ଝୁମ୍‌କା ଷ୍ଟାଇଲ୍ ଇୟର ରିଂ, ଷ୍ଟଡ୍ ଷ୍ଟାଇଲ୍ ଇୟର ରିଂ, ଟାସେଲ୍ ଇୟର ରିଂ, ପମ୍‌ପମ୍ ଇୟର ରିଂ, ଲିଫ୍ ଇୟର ରିଂ ତଥା ବିଡ୍ସ ଇୟର ରିଂ ଇତ୍ୟାଦି ଅନ୍ୟତମ।

**ମୁଦି:** ଆପଣ ଚାହିଁଲେ ଟ୍ରାଇ କଲର୍ ଆଉଟ୍‌ଫିଟ୍‌କୁ ମ୍ୟାଚ୍ କଲାଭଳି ଟ୍ରାଇ କଲର୍ ଷ୍ଟୋନ୍‌ରେ ତିଆରି ମୁଦି ବି ଏହିଦିନ ଟ୍ରାଏ କରିପାରିବେ। ଏହା ମଧ୍ୟ ଟ୍ରେଣ୍ଡି ଲୁକ୍ ଦେବାରେ ବେଶ୍ ସହାୟକ ହୋଇପାରିବ।

**ଟିଆରା:** ଷ୍ଟାଇଲିଶ୍ ଲୁକ୍ ଦେବାରେ ଟିଆରାର ଭୂମିକା ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥାଏ। ତେବେ ଏହି ସାଧାରଣତନ୍ତ୍ର ଦିବସକୁ ନଜରରେ ରଖି ଟ୍ରାଇ କଲର୍ ଫ୍ଲୋରାଲ୍ ଡିଜାଇନ୍ ଟିଆରାର ଚାହିଦା ଖୁବ୍ ରହିଥିବା ଦେଖିବାକୁ ମିଳୁଛି।

**ନେକ୍‌ଲେସ୍:** ଟ୍ରାଇ କଲର୍ ଷ୍ଟୋନ୍ ହେଉ ଅବା ମାଳିରେ ତିଆରି ନେକ୍‌ଲେସ୍ ବି ଏହିଦିନ ଖାସ୍ ଲୁକ୍ ଦେଇଥାଏ। ଏହାକୁ ଆପଣ ଚାହିଁଲେ ଶାଢ଼ି କିମ୍ବା ସାଲଓ୍ୱାର୍ ସହ ମ୍ୟାଚିଂ କରି ପିନ୍ଧିପାରିବେ।

**ବିନ୍ଦି:** ଏହି ଦିନ ଟ୍ରାଇ କଲର୍ ବିନ୍ଦି ବି ଟ୍ରାଏ କଲେ ନୂଆ ଲୁକ୍ ମିଳିଥାଏ। ଯଦି ଏପରି ବିନ୍ଦି ମିଳୁନାହିଁ, ତା'ହେଲେ ଜାତୀୟ ପତାକାର ରଙ୍ଗକୁ ମ୍ୟାଚ୍ କଲା ଭଳି ତିନୋଟି ଭିନ୍ନ ଭିନ୍ନ ରଙ୍ଗର ସିଙ୍ଗାର୍ ବା କୁଙ୍କୁମ ଅବା ଷ୍ଟୋନ୍ ବିନ୍ଦି କିଣି ମଥାରେ ପିନ୍ଧିପାରିବେ।

**ନେଲ୍ ଆର୍ଟ:** ନେଲ୍ ଆର୍ଟର ଚାହିଦା ପୂର୍ବରୁ ଥିଲା, ଏବେ ବି ଅଛି ଆଉ ଆଗକୁ ରହିବ ବୋଲି ମଧ୍ୟ ଅନୁମାନ କରାଯାଉଛି। ତେବେ ଏହି ସାଧାରଣତନ୍ତ୍ର ଦିବସ ଅବସରରେ ଆପଣ ଚାହିଁଲେ ଟ୍ରାଇ କଲର୍ ନେଲ୍ ଆର୍ଟ ମଧ୍ୟ କରିପାରିବେ। ଖାସ୍ କରି ଷ୍ଟ୍ରାଇପ୍, ଭର୍ଟିକାଲ୍, ହରାଇଜଣ୍ଟାଲ୍, ଫ୍ଲୋରାଲ୍, ଡଟେଡ୍, ନେଚର୍ ଥିମ୍‌ବାଲା ଟ୍ରାଇ କଲର୍ ନେଲ୍ ଆର୍ଟ ଏହିଦିନ ଭିନ୍ନ ଲୁକ୍ ଦେଇଥାଏ।

**ଆଖି ମେକ୍‌ଅପ୍:** ଜାତୀୟ ପତାକାର ରଙ୍ଗକୁ ମ୍ୟାଚ୍ କଲା ଭଳି ଆଖିରେ ଟ୍ରାଇ କଲର୍‌ର ଆଇ ଶାଡୋ ଲଗାଇ ମଧ୍ୟ ଏହି ଦିନ ଆକର୍ଷଣୀୟ ଲୁକ୍ ପାଇହେବ।

# ବାଲିଆପାଳର ରମାଦେବୀ





ଯିଏ ତାଙ୍କ ଆଦ୍ୟ ତାରୁଣ୍ୟ ବିତାଇଦେଲେ ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନରେ, ଯିଏ କେତେ ବିଦ୍ରୋହର ଝୁଲକୁ ଗୀତକରି ଗାଇଲେ କେତେ ପ୍ରତିବାଦ ଶୋଭାଯାତ୍ରାରେ, ଯିଏ ଘରେ କି ସମାଜରେ ସବୁଠି କର୍ମୀ ହୋଇ ରହିଗଲେ, ଯିଏ ସବୁବେଳେ ନିଜକୁ ଗୌଣ କରିଦେଇ ଅପରକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଚିହ୍ନେଇ ଚାଲିଲେ, ଯିଏ କବିତାକୁ ବଞ୍ଚାଇ ନିଜକୁ କବି ବୋଲି ଦାବି କଲେ ନାହିଁ, ଯିଏ ସଙ୍ଗଠନ ଗଢ଼ି ନିଜକୁ ନେତ୍ରୀ ବୋଲି କହିଲେ ନାହିଁ ସେ ହେଉଛନ୍ତି ଭବାନୀ ଭୂୟାଁ, ଯିଏ ଜଣେ ସ୍ନେହୀ, ଦରଦୀ ମଣିଷର ଚିତ୍ରକଳ୍ପ ହୋଇ ଠିଆ ହୁଅନ୍ତି ସବୁ ପରିସ୍ଥିତିରେ।



୧୯୬୦ ମସିହା ମାର୍ଗଶିର ମାସ ଶାମ୍ବ ଦଶମୀ ତିଥିରେ ପୁରୀ ସହରରେ ଭବାନୀଙ୍କର ଜନ୍ମ। ପିତା ରଘୁନାଥ ଭୂୟାଁ ଏବଂ ମାତା ଅନପୂର୍ଣ୍ଣା ଭୂୟାଁ ଥିଲେ ତାଙ୍କ ପ୍ରେରଣା।

ପ୍ରତି ଆନ୍ଦୋଳନରେ ନିଜକୁ ଲୋକଙ୍କ ସହ ମିଶେଇ ଦେବା ତାଙ୍କର ବିଶେଷତ୍ୱ। ସେମାନଙ୍କ ମନରେ ଶୋଷଣମୁକ୍ତ ଓ ଶ୍ରେଣୀବିହୀନ ସମାଜର ସ୍ୱପ୍ନ ବୁଣନ୍ତି। ଆଖି ପାଉ ନ ଥିବା ଦୂରତାକୁ ଟେକାଟିଏ ପକେଇବାର ନିର୍ଭୀକତା ରଖିଥାଆନ୍ତି ସେ। ଜଣେ ସମ୍ବେଦନଶୀଳ ମଣିଷର ଛାତିକୁ ଦୋହଲେଇ ଦେଲାଭଳି ବଳିଷ୍ଠ ଶବ୍ଦସବୁ ତାଙ୍କର। ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନରେ ୧୯୮୫ରୁ ୧୯୯୦ ଯାଏ ସେଠି ସେ ନିଜେ ରହୁଥିଲେ। ସେଠାକାର ଲୋକଙ୍କ ଆଖିରେ ଭବାନୀ ସ୍ଥାନୀୟ 'ରମାଦେବୀ' ନାମରେ ପରିଚିତା ଥିଲେ। ସେ ମଧ୍ୟ ଜଣେ କବି, ଚିତ୍ରକର, ସମ୍ପାଦିକା ଏବଂ ସାମାଜିକ କର୍ମୀ।

ଗଲା ବତିଶ ବର୍ଷ ଧରି ବିଭିନ୍ନ ସାମାଜିକ ଆନ୍ଦୋଳନ ଯଥା ମଦ ବିରୋଧୀ ଆନ୍ଦୋଳନ, ଗୋପାଳପୁର ଟାଟା ବିରୋଧୀ ଆନ୍ଦୋଳନ, ପୋସ୍କୋ ବିରୋଧୀ ଆନ୍ଦୋଳନ, ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନ, ସିପସରୁବାଲି ଆନ୍ଦୋଳନ, ବିଭିନ୍ନ ପରିବେଶ ଆନ୍ଦୋଳନ ସହ ଜଡ଼ିତ ହୋଇଛନ୍ତି ଭବାନୀ। ଅନେକ ସମୟରେ ଜାଗରଣ ସୃଷ୍ଟି କରିବା ପାଇଁ ଭବାନୀ ଗଣସଙ୍ଗୀତ ପରିବେଷଣ କରନ୍ତି। ସେଥିରେ କେବେ ଥାଏ ମନମୋହନ ମିଶ୍ରଙ୍କର 'ତୋର ମୁକତିର ସୂର୍ଯ୍ୟ ପରା ଉଇଁଲା', କେବେ ଥାଏ ଅନନ୍ତ ପଟ୍ଟନାୟକଙ୍କର 'ଚାଲରେ ଚାଲରେ ଚାଲ', ପୁଣି କେବେ ଥାଏ ଭୁପେନ ହଜାରିକା ଗାଇଥିବା 'ଜୀବନ ଜୀବନେର ଜନ୍ୟେ'। ନାରୀ ସ୍ୱାଧୀନତାକୁ ନେଇ ତାଙ୍କ ବିଚାର ସ୍ୱତନ୍ତ୍ର। ନାରୀ ସଶକ୍ତୀକରଣକୁ ନେଇ ତାଙ୍କ ରଚିତ କିଛି ଗୀତି କବିତା ସହଜ ଭାବେ ନାରୀର ଅତୁଳନୀୟତା ସାବ୍ୟସ୍ତ କରେ। ସେ ଚିତ୍କାର କରି କିଛି କହିନାହାନ୍ତି, ପୁରୁଷକୁ ଝିଙ୍ଗାସି ନାହାନ୍ତି, କେବଳ ନାରୀକୁ ସୂଚେଇ ଦେଇଛନ୍ତି ତା'ର ଅନ୍ତର୍ନିହିତ ସାମର୍ଥ୍ୟ।

ବିପ୍ଳବିଣୀ ଭାବରେ ଅନ୍ୟାୟ ବିରୋଧରେ ନିଜେ ପ୍ରତିବାଦ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ପ୍ରତିବାଦର ରାସ୍ତାରେ ଚଲାଇପାରନ୍ତି ସେ। ବିଶେଷ ଦୃଶ୍ୟମାନ ହେବାକୁ ଚେଷ୍ଟା ନ କରି ନେପଥ୍ୟରେ ଥାଇ ଅନ୍ୟମାନଙ୍କୁ କର୍ମ ଲାଗି ପ୍ରେରଣା ଯୋଗାଇବାରେ ବ୍ୟସ୍ତ ରୁହନ୍ତି । ସଂଗଠନ କଲାବେଳେ ନିଜକୁ ନେତ୍ରୀ ନ ଭାବି ଖନ୍ଦାରେ ପଶି କର୍ମୀମାନଙ୍କ ପାଇଁ କଣ ରନ୍ଧା ହେଉଛି ସେ ଖବର କେବଳ ବୁଝନ୍ତିନି ଅଧିକନ୍ତୁ ଅଣ୍ଟାରେ ଲୁଗା ଗୁଡ଼ାଇ ରୋଷେୟା ସହ ଯୋଗାଡ଼ିଆ ସାଜି ମାଆ ସମାନ ଭୋକିଲା ପେଟମାନଙ୍କ ଯତ୍ନ ନିଅନ୍ତି। ତାଙ୍କରି ଚେଷ୍ଟାରେ ସବୁ କିଛି ସୁବିନ୍ୟସ୍ତ ହୁଏ ଅଥଚ ସେ ଶ୍ରେୟ ନିଅନ୍ତି ନାହିଁ। ବିଦ୍ରୋହ ଏବଂ ପ୍ରତିବାଦ ତାଙ୍କ ପାଇଁ ପ୍ରସାଧନୀ ନୁହେଁ। ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନ ହେଉ ଅଥବା ପୁରୀର ସିପସରୁବାଲି ଶାମୁକା ପ୍ରକଳ୍ପ ବିରୋଧୀ ଆନ୍ଦୋଳନ ସବୁଠି ସେ ଥାଆନ୍ତି କର୍ମଚଞ୍ଚଳ, ନିଷ୍ଠାପର। ବାଣୀବିହାରରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର, ରିଜିଓନାଲ କଲେଜ ଅଫ୍ ଏଜୁକେଶନରୁ ଶିକ୍ଷାରେ ସ୍ନାତକ ଭବାନୀ ଭୂୟାଁ ବାଲିଆପାଳ ଆନ୍ଦୋଳନ ପାଇଁ ନିଜର ସମ୍ଭାବନାମୟ କ୍ୟାରିଅରକୁ ଜଳାଞ୍ଜଳି ଦେଇଥିଲେ। ଘରସଂସାର ମୋହରୁ ନିଜକୁ ମୁକାଳି ଏଯାବତ ସେ ଲାଗିଛନ୍ତି ସମାଜସେବାରେ। ଏବେ ନିଜର କର୍ମକ୍ଷେତ୍ରରେ ସେ ସବୁ ସାଆନ୍ତିଆ ଭାବରୁ ଦୂରରେ। ସ୍ୱର୍ଗଦ୍ୱାର ପାଖରେ ତାଙ୍କ ବାପା ଛାଡ଼ିଯାଇଥିବା ଗୋଟିଏ ସାଧାରଣ ରେସ୍ତୋରାଁ କଥା ବୁଝନ୍ତି ସେ। ମାଲିକାଣୀ ହେବା ପରିବର୍ତ୍ତେ ଭବାନୀଙ୍କୁ ଦେଖି ହେବ ଜଣେ କର୍ମୀ ହିସାବରେ ସେଠାରେ। ବହୁତ ପରିବାର ନିର୍ଭର କରନ୍ତି ସେହି ଛୋଟିଆ ରେସ୍ତୋରାଁ ଉପରେ। ତାଙ୍କ ବ୍ୟକ୍ତିତ୍ୱ ଏବଂ କାମ ଗୋଷ୍ଠୀଜୀବନର ପ୍ରତିରୂପ। କେତେବେଳେ ବିରାଟ ଚୁଲି ସାମ୍ନାରେ ବସି ସେ ତରକାରି ରାନ୍ଧୁଥାନ୍ତି ତ କେତେବେଳେ ଚକଟି ବସନ୍ତି ଅଟା। ହୋଟେଲରେ କାମ କରୁଥିବା ସବୁ କର୍ମଚାରୀଙ୍କ ସହ ମିଶି କାମ କରୁଥିବା ଭବାନୀ ଭୂୟାଁଙ୍କୁ ନିଜେ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି ସେ କେତେ ଖଟି ପାରନ୍ତି ଏବଂ ସେ ଭିତରେ ମାଆର ପ୍ରସନ୍ନତା କେମିତି ବୋଳି ହୋଇଥାଏ ତାଙ୍କ ମୁହଁରେ। ମାଆ ବୋଧହୁଏ ସବୁଠାରୁ ବଡ଼ ବିପ୍ଳବିଣୀ, ଯିଏ ଛୁଆକୁ ଗଢ଼ିବା ଭିତରେ ଦୃଢ଼, ନମନୀୟ ଏବଂ ଅସମ୍ଭବ ଶକ୍ତିର ଆଧାର ହୋଇଥାଏ। ଗ୍ରାହକମାନେ ସନ୍ତୋଷରେ କେମିତି ଖାଇକି ଯିବେ ସେ ଯେମିତି ବୁଝନ୍ତି ତାଙ୍କୁ ନିର୍ଭର କରିଥିବା ଦାଣ୍ଡ କୁକୁର ପଞ୍ଝାକ କେମିତି ଖାଇବେ ସେତକି ନିଘା କରନ୍ତି।

ନିଜ ବିଚାରକୁ ଗୁରୁତ୍ୱ ଦେବା ପାଇଁ ସେ ବି ଆରମ୍ଭ କରିଥିଲେ 'ନିର୍ଭୟା'ନାମକ ଏକ ପତ୍ରିକା। ଏଥିରେ ପ୍ରକାଶିତ ଲେଖାଗୁଡ଼ିକରେ ବେଶି ପ୍ରକଟିତ ହୋଇଥିଲା ନାରୀ ତା'ର ଅନ୍ତରରୁ ସଶକ୍ତ ହେବାର କଥା। ସତରେ ଭବାନୀ ଭୂୟାଁ ସ୍ୱାଧୀନଚେତା ମଣିଷ ପାଇଁ ପ୍ରେରଣା।

–ମାନମୟୀ ରଥ

ମୋ–୭୯୭୮୫୭୯୩୯୯

**ପ୍ରତି ଆନ୍ଦୋଳନରେ ନିଜକୁ ଲୋକଙ୍କ ସହ ମିଶେଇ ଦେବା ତାଙ୍କର ବିଶେଷତ୍ୱ। ସେମାନଙ୍କ ମନରେ ଶୋଷଣମୁକ୍ତ ଓ ଶ୍ରେଣୀବିହୀନ ସମାଜର ସ୍ୱପ୍ନ ବୁଣନ୍ତି। ଆଖି ପାଉ ନ ଥିବା ଦୂରତାକୁ ଟେକାଟିଏ ପକେଇବାର ନିର୍ଭୀକତା ରଖିଥାଆନ୍ତି ସେ। ଜଣେ ସମ୍ବେଦନଶୀଳ ମଣିଷର ଛାତିକୁ ଦୋହଲେଇ ଦେଲାଭଳି ବଳିଷ୍ଠ ଶବ୍ଦସବୁ ତାଙ୍କର। ସିଏ ହେଲେ ଭବାନୀ ଭୂୟାଁ; ଯିଏକି ଜଣେ କବି, ଚିତ୍ରକର, ସମ୍ପାଦିକା ଏବଂ ସାମାଜିକ କର୍ମୀ।**









# ବାହୁଡ଼ା ପକ୍ଷୀ

**ତା’** ସହ ଥିବା ସ୍ମୃତି ସବୁକୁ
ଦେଶାନ୍ତର କରିଦେଇ
ମୁଁ ପୋଛୁଥିଲି
ମୋ ଦେହସାରା ଲାଗିଥିବା
ତା’ ଲିପଷ୍ଟିକର ଦାଗକୁ ,

ତା’ ପ୍ରେମର ଜହରକୁ ପିଇ
ନୀଳକଣ୍ଠ ହେବାରେ ଲାଭ ବା କ’ଣ ?

ସେଇଥିପାଇଁ ତ
ବାହୁଡ଼ା ପକ୍ଷୀ ପରି
ମୁଁ ଫେରୁଥିଲି ଭୋଗିବାକୁ
ମୃତ୍ୟୁ ପରର ଜୀବନକୁ !

**–ପ୍ରଶାନ୍ତ କୁମାର ପଧାନ**
ବୁରୋମୁଣ୍ଡା,ଗାଇସିଲାଟ, ବରଗଡ଼
ମୋ–୯୯୩୭୭୪୫୪୯୭

# ତଳ ମହଲାର ଘର

ହିନ୍ଦୀ–ବୀରେନ୍ଦ୍ର ଜୈନ
ଅନୁବାଦ–କନକ ମଞ୍ଜରୀ ସାହୁ

ଆମେ କିଛି ଦିନ ହେଲା ଘର ବଦଳେଇବା ପାଇଁ ଚେଷ୍ଟା କରୁଥିଲୁ କିନ୍ତୁ ଘର ମିଳୁ ନ ଥିଲା। ଖବର ପାଇଲୁ, ଯମୁନା ସେପଟେ ମୟୂର ବିହାର ବୋଲି ଏକ ନୂଆ କଲୋନୀ ତିଆରି ହେଉଛି, ଯେଉଁଠି ସୁବିଧାରେ ଘର ମିଳୁଛି। ଦିନେ ଆମେ ସେଇ କଲୋନୀକୁ ଗଲୁ। ପ୍ରପର୍ଟି ଡିଲର ସହିତ ଦେଖାକରିବାରୁ ସେ ଆମକୁ କେତୋଟି ଘର ଦେଖାଇଲେ। କୋଉଟା ଚତୁର୍ଥ ମହଲାରେ ତ କୋଉଟା ତୃତୀୟ ମହଲା, ଦ୍ୱିତୀୟ ମହଲା, ଏମିତି କି ତଳ ମହଲା ଘର ମଧ୍ୟ ଦେଖେଇଲେ।

ଘର ଦେଖି ଆସିବା ପରେ ଆମେ କିଛିଦିନ ଭାବିହେଲୁ, କୋଉ ମହଲା ଘର ନେବା ଉଚିତ ହେବ। ବାପା କହିଲେ ଚତୁର୍ଥ ମହଲା, ମା’କହିଲା ନାଇଁ ନାଇଁ ଚଢିବା ଓହ୍ଲେଇବା କଷ୍ଟ ହେବ। ପିଲାମାନେ ପଡିପୁଡା ଯିବେ। ତେଣୁ ପ୍ରଥମ ମହଲା ନେବା। ନା ଚଢିବା ଓହ୍ଲେଇବା କଷ୍ଟ ହେବ ନା ପିଲାମାନେ ରାସ୍ତାକୁ ଦୌଡିବେ। କିନ୍ତୁ ମୋତେ ଏସବୁ ପସନ୍ଦ ନ ଥିଲା। କାରଣ ଆମକୁ ଖେଳିବା ପାଇଁ ଜାଗା ନ ଥିଲା। ତେଣୁ ମୁଁ ଯିଦି କଲି ତଳ ମହଲାରେ ରହିବା ପାଇଁ। ବାପା ମା’ ବାଧ୍ୟ ହେଇ ଚୁପ ରହିଲେ।

ଗୋଟିଏ ସପ୍ତାହ ପରିଶ୍ରମ କରି ଆମେ ଘରକୁ ସୁନ୍ଦର ଭାବେ ସଜେଇ ଦେଲୁ ଏବଂ ସେଠାରେ ଯାଇ ରହିଲୁ। ଆମେ ସେଠାରେ ଦୁଇଦିନ ରହିଛୁ, ଦିନେ ଆମ କବାଟ କିଏ ଖଟ୍‌ଖଟ୍ କଲା। କବାଟ ଖୋଲିବାରୁ ଜଣେ ମହିଳା ଭିତରକୁ ଆସି ମାଆକୁ କହିଲେ, ‘ଭଉଣୀ, ନମସ୍କାର। ଆମେ ଆପଣଙ୍କ ଉପର ଫ୍ଲାଟରେ ରହୁଛୁ। ଆମ ବେବୀ ଆପଣଙ୍କ ଲନରେ ତଉଲିଆ ପକେଇ ଦେଲା, ଟିକେ ଉଠେଇ ଦିଅନ୍ତୁ ତ।’ ମା’ ଉଠେଇକି ଦେଲା। ତା’ ପରଠାରୁ କେବେ ତାଙ୍କ ବେବୀ ତ, କେବେ ଦ୍ୱିତୀୟ ମହଲାର ବେବୀ, କେବେ ତୃତୀୟ ମହଲାର ଏବଂ ଚତୁର୍ଥ ମହଲାର ପିଲାମାନେ କିଛି ନା କିଛି ଜିନିଷ ପକେଇ ଦିଅନ୍ତି। ଉପର ମହଲା ଆଣ୍ଟି ପାଟିକରି କହନ୍ତି, ‘ଝିଅ ଭୂମିକା, ଆମର ପଡି ଯାଉଥିବା ଜିନିଷ ଟିକେ ଉଠେଇ ଆଣି ଦେଉଥିବୁ।’

ଦିନେ ଜଣେ ଭଦ୍ରଲୋକ ଆସି ପଚାରିଲେ, ‘ଚୋପ୍ରା ବାବୁ କୋଉ ମହଲାରେ ରହୁଛନ୍ତି ?’ବାପା କାହାକୁ ଚିହ୍ନି ନ ଥିବାରୁ ଜାଣିନି କହିବାରୁ ସେ ଚାଲିଗଲେ।

କିଛି ସମୟ ପରେ ପୁଣି କିଏ ଘଣ୍ଟି ବଜେଇଲା। ବାପା ସେଦିନ ଘରେ ଥିଲେ। କିଏ ଗେଷ୍ଟ ଆସିଥିବେ ଭାବି ଗେଟ ଖୋଲିବାରୁ ଜଣେ ଭିକାରି ଛିଡା ହୋଇଥିଲା। ତାକୁ ଟଙ୍କାଟିଏ ଦେଇ ବିଦା କରିଦେଲେ। ତା’ପରେ ଜୋରରେ କବାଟ ବାଡେଇବା ଶବ୍ଦ ହେଲା। ବାପାଙ୍କୁ ବହୁତ ରାଗ ଲାଗିଲା। ଅଦ୍‌ଭୂତ, ଅଭଦ୍ର ଲୋକ, ଘଣ୍ଟି ନ ବଜେଇ କବାଟ ବାଡୋଉଛି !

କବାଟ ଖୋଲିବାରୁ ବାପା ଦେଖି ଆଶ୍ଚର୍ଯ୍ୟ ହେଲେ, ଦୁଆରେ ଅନେକଗୁଡିଏ ପେପର ପଡିଥିଲା। ବାପା ବୁଝିଗଲେ ପେପର ବାଲା ତରବରରେ ସମସ୍ତଙ୍କ ପେପର ଆମ ଦୁଆରେ ପକେଇ ଦେଇ ଚାଲି ଯାଇଛି।

ମୋର ପୁଣି ପ୍ୟାରେଡ ଆରମ୍ଭ ହୋଇଗଲା। ଚତୁର୍ଥ ମହଲା ପର୍ଯ୍ୟନ୍ତ ସମସ୍ତଙ୍କ ଘରର ବେଲ ବଜେଇ ପେପର ତକ ପହଞ୍ଚେଇବାକୁ ପଡିଲା। ମୁଁ ଘରେ ପହଞ୍ଚିଛି କି ନାହିଁ ପୁଣି କବାଟ ଠକ୍‌ଠକ୍ ହେଲା। ବାପା କବାଟ ଖୋଲିବାରୁ ଦେଖିଲେ, ଜଣେ ଭଦ୍ରଲୋକ ଛିଡା ହେଇଛନ୍ତି। ଆଜ୍ଞା ନମସ୍କାର। ମୁଁ ପାଖ ଫ୍ଲାଟରେ ରହୁଛି। ନୂଆ ଆସିଛୁ, ଏଠାରେ କୋଉଠି ଭଲ କ୍ଷୀର ମିଳିବ ? ବାପା କହିଲେ ମୁଁ ଜାଣିନି।

ଚାକର,ପୂଜାରୀ ମିଳିବେ ? ବାପା କହିଲେ, ମୁଁ ଜାଣିନି। ସେ କହିଲେ, ମିଳିଲେ ନିଶ୍ଚୟ କହିବେ। ଆପଣ ପୁରୁଣା ବାସିନ୍ଦା ହେଇଥିବେ। କାର୍ଡଟିଏ ବାପାଙ୍କ ହାତକୁ ବଢେଇ ଦେଇ କହିଲେ, ମୋ କାର୍ଡ ରଖନ୍ତୁ,ଏଥିରେ ନାଁ ଏବଂ ଠିକଣା ଲେଖା ଯାଇଛି। ମିଳିଲେ ନିଶ୍ଚୟ ଜଣେଇବେ।

ସେ ଯିବାପରେ ବାପା ମୁଣ୍ଡକୁ ଚାପିଧରି ବସିଗଲେ। ସେତେବେଳେ କବାଟ ଖୋଲା ଦେଖି ସେଇ ଭଦ୍ରଲୋକ ଜଣଙ୍କ ଆଉଜଣେ ଲୋକକୁ ଧରି ଭିତରକୁ ପଶି ଆସିଲେ। ଯିଏ ଚୋପ୍ରାବାବୁଙ୍କ ଘର କୋଉଟା ପଚାରିବାକୁ ଆସିଥିଲେ। ଅନ୍ୟଜଣକ କହିଲେ– ମିଷ୍ଟର ଜୈନ, ନମସ୍କାର। ମୁଁ ଆପଣଙ୍କ ପଡୋଶୀ, ଥାର୍ଡ ଫ୍ଲୋରରେ ରହୁଛି। ଆପଣଙ୍କ ସାଙ୍ଗରେ ପରିଚୟ ହୋଇ ନ ଥିଲା। ସେଥିପାଇଁ ଆମ ଗେଷ୍ଟଙ୍କୁ ହଇରାଣ ହେବାକୁ ପଡିଲା। ହଉ ଆଜ୍ଞା ମନେରଖିବେ, ମୁଁ ଚୋପ୍ରା, ଥାର୍ଡ ଫ୍ଲୋରରେ ରହୁଛି, କିଏ ଯଦି ଆସି ପଚାରିବେ କହିଦେବେ। ପୁଣି ଦେଖାହେବ, ନମସ୍କାର କରି ଚାଲିଗଲେ।

ବାପା ବିଚରା ସକାଳୁ ଚା ଟିକେ ପିଇ ନ ଥିଲେ। ସେ ଅତିଶୀଘ୍ର କବାଟ ବନ୍ଦ କରିଦେଇ ଗୁମସୁମ ହୋଇ ବସି ରହିଲେ। ସେତେବେଳେ ପୁଣି ଘଣ୍ଟି ବାଜିଲା। ଯେମିତି କବାଟ ଖୋଲାହେଲା, ଜଣେ ଭଦ୍ରବ୍ୟକ୍ତି ଏବଂ ତାଙ୍କ ପତ୍ନୀ ଭିତରକୁ ଚାଲି ଆସି କହିଲେ, କ୍ଷମା କରିବେ, ଆମେ ଦ୍ୱିତୀୟ ମହଲାରେ ରହୁଥିବା ସାକ୍‌ସେନା ବାବୁଙ୍କ ଘରକୁ ଆସିଥିଲୁ କିନ୍ତୁ ସେମାନେ ନାହାନ୍ତି, ତାଙ୍କ ପିଲାଙ୍କ ପାଇଁ ମିଠା ଆଣିଥିଲୁ, ତାଙ୍କୁ ଟିକେ ଦେଇଦେବେ ଏବଂ କହିବେ, ବର୍ମା ବାବୁ ଆସିଥିଲେ, ଆମେ ଯାଉଛୁ, ଆମର ଡେରି ହେଇ ଗଲାଣି। ସେମାନେ ଯିବା କ୍ଷଣି ମୁଁ କବାଟ ବନ୍ଦ କରିବାକୁ ଯିବା ବେଳକୁ ବାପା କହିଲେ, ରହ ଭୂମିକା, ପୁଣି କିଏ ଡାକିଲେ ଖୋଲିବାକୁ ପଡିବ।

ସେତେବେଳେ ପୋଷ୍ଟମ୍ୟାନ ଆସି ପଚାରିଲା ‘ଆଜ୍ଞା ସାକ୍‌ସେନା ବାବୁ କୁଆଡେ ଗଲେ ?’ ବାପାଙ୍କୁ ବହୁତ ରାଗ ଲାଗୁଥିଲା, କହିଲେ, ‘ମୁଁ ଜାଣିନି,ମୋତେ କହିକି ଯାଇ ନାହାଁନ୍ତି।’ ପୋଷ୍ଟମ୍ୟାନ କହିଲା, ‘ଆଜ୍ଞା ତାଙ୍କର ତାର ଆସିଛି, ଆସିଲେ ତାଙ୍କୁ ପୋଷ୍ଟ ଅଫିସ ପଠେଇ ଦେବେ’ କହି ଚାଲିଗଲା।

ସେ ଚାଲିଯିବା ପରେ ବାପା ବାଥରୁମ ଚାଲିଗଲେ। ମୁଁ ପଢାପଢି କରିବା ପାଇଁ ମୋ ଷ୍ଟଡି ରୁମକୁ ଚାଲିଗଲି ଏବଂ ମମି ରୋଷେଇ ଘରେ ଜଳଖିଆ କରିବାରେ ବ୍ୟସ୍ତ ରହିଲା।

ହଠାତ୍ ମମିର ଚିତ୍କାର ଶୁଣି ମୁଁ ଆଉ ବାପା ଡ୍ରଇଁ ରୁମକୁ ଆସି ଦେଖିଲୁ, ସାକ୍‌ସେନା ବାବୁଙ୍କର ସେଇ ମିଠା ଡବାରୁ ଗୋଟିଏ କୁକୁର ଆରାମରେ ଖାଉଛି। ଏହା ଦେଖି ବାପା ନିଜ ମୁଣ୍ଡକୁ ହାତରେ ବାଡେଇ ଏବଂ ଜଳଖିଆ ନ ଖାଇ ବାହାରକୁ କୁଆଡେ ଚାଲିଗଲେ।

ତିନି ଚାରି ଘଣ୍ଟା ପରେ ଗୋଟିଏ ଟ୍ରକ ସାଙ୍ଗରେ ଧରି ଫେରିଲେ। ଆସି ମମିକୁ କହିଲେ, ଏଇଟା ତଳ ମହଲା ଘର ନ ହେଇ ‘ସୂଚନା କେନ୍ଦ୍ର’ ହୋଇଗଲା। ଚଟାପଟ୍ ଜିନିଷ ବନ୍ଧାବନ୍ଧି କର। ମୁଁ ସାଦତପୁର ଗାଁରେ ଏକତାଲା ଘରଟିଏ ଭଡାରେ ନେଲି, ଆମେ ଏବେ ସେଠାରେ ରହିବା।

*–ଶ୍ରାବଣୀ ରେସିଡେନ୍ସୀ, ୧୧୪୪, ଗଡସାହି,*
*ନୟାପଲ୍ଲୀ, ଭୁବନେଶ୍ୱର*
*ମୋ–୯୪୩୯୭୫୦୩୭୮*



# ଏଇ ବୋଧେ ଭଲ ପାଇବା

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନୂଆ ଓଡ଼ିଆ ସିନେମା 'ଏଇ ବୋଧେ ଭଲ ପାଇବା'ର ଶୁଟିଂ ଚାଲୁ ରହିଛି। ନବାଗତ ପ୍ରଯୋଜକ ଆଲେକଜାଣ୍ଡର ଦାସ ଏବଂ ସିଦ୍ଧାର୍ଥ ପାତ୍ର ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଏବଂ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି କୋରିଓଗ୍ରାଫର-କମ୍-ଡିରେକ୍ଟର ସୁଧାକର ବସନ୍ତ। ଏହାର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଓଡ଼ିଆ ସିନେମାଜଗତର ଆଗଧାଡ଼ିର ସଂଳାପକାର ତଥା ଏ ପର୍ଯ୍ୟନ୍ତ ୭୦ଟି ଚଳଚ୍ଚିତ୍ରର ସଂଳାପ ଲେଖିସାରିଥିବା ଡ. ରଜନୀ ରଞ୍ଜନ। 'ଏକ ନିଛକ ଓଡ଼ିଆ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେଉଛି। ଏହାର କାହାଣୀ ଯେତେବେଳେ ମୁଁ ପଢ଼ିଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହି ସିନେମାର ସଂଳାପରେ କ'ଣ ବିଶେଷତ୍ୱ ରହିଛି ତାହା ଦର୍ଶକ ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ ବୋଲି କହନ୍ତି ରଜନୀ।' ଏହାର ଲିଡ୍ ରୋଲ୍‌ରେ ଦୀପକ ଅଭିନୟ କରୁଛନ୍ତି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅନୁଭା ସୌର୍ଯ୍ୟା। ଅନ୍ୟପକ୍ଷରେ ଏହି ଫିଲ୍ମର ବିଭିନ୍ନ ଭୂମିକାରେ କୁନା ତ୍ରିପାଠୀ, ସରୋଜ ଦାସ, ନନ୍‌ସେନ୍ସ ମଣି, ପ୍ରତିଭା ପଣ୍ଡା, ମଧୁ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି।


ଅନୁଭା-ଦୀପକ

# ତୁ ମୋ ସ୍ପନ୍ଦନ

ଭଲ ପାଇବା ସମୟରେ ଅନେକ କିଛି ଘଟିଥାଏ। ହେଲେ ମନ ମନ ଯଦି ମିଶିଯାଇଛି ତେବେ ସେହି ପ୍ରେମୀ ଯୁଗଳଙ୍କୁ ଅଲଗା କରିବା ସହଜ ନୁହେଁ। କାରଣ ସେମାନଙ୍କର ପ୍ରେମ ଏତେ ନିବିଡ ଯେ ଦୁହେଁ ଦୁହିଁଙ୍କ ହୃଦରେ ସ୍ପନ୍ଦନ ହୋଇ ରହିଥାଆନ୍ତି। ଏପରି ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ତୁ ମୋ ସ୍ପନ୍ଦନ'। ସ୍ୱପ୍ନାରାଣୀ ପ୍ରଡକ୍ସନ ବ୍ୟାନରରେ ଏହି ଫିଲ୍ମଟି ପ୍ରସ୍ତୁତ ହେଉଛି। ବେଶ୍ କେତୋଟି ମ୍ୟୁଜିକ ଭିଡିଓ ଏବଂ ୱେବ୍ ସିରିଜର ନିର୍ଦ୍ଦେଶନା ଦେଇଥିବା ସଞ୍ଜୀବ କେ. ପଣ୍ଡା ଏହି ଫିଲ୍ମରୁ ନିର୍ଦ୍ଦେଶକ ଭାବରେ ନିଜର ବଡପରଦା କ୍ୟାରିୟର ଆରମ୍ଭ କରୁଛନ୍ତି। 'ଏହି ଫିଲ୍ମର କାହାଣୀ ଚୟନ ସମୟରେ ମୋତେ ବେଶ୍ କସରତ କରିବାକୁ ପଡିଥିଲା। କାରଣ ଏଥିରେ କେବଳ ଲଭ୍ ନାହିଁ, ତା'ବ୍ୟତୀତ ଇମୋଶନ, ଫ୍ୟାମିଲି ଡ୍ରାମା, କମେଡି ମଧ୍ୟ ରହିଛି। କେବଳ ଯୁବପିଢ଼ୀ ନୁହେଁ, ସବୁ ବର୍ଗର ଦର୍ଶକ ଏହି ସିନେମାରୁ ଫୁଲ୍ ଏଣ୍ଟରଟେନମେଣ୍ଟ ପାଇବେ ବୋଲି ବୋଲି ନିର୍ଦ୍ଦେଶକ। ଏହାବ୍ୟତୀତ ନବାଗତ ଚନ୍ଦନ, ମନୋଜ ଏବଂ ପ୍ରିୟଙ୍କାଙ୍କୁ ଏହାର ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ମନିଷା ମିଶ୍ର, ଗୁଲ୍ଟୁ, ଶୀବାଜୀ, ସୁଦର୍ଶନ, ଲକ୍ଷ୍ମୀପ୍ରିୟା ଏବଂ ପ୍ରଜ୍ଞା ବିଭିନ୍ନ ଭୂମିକାରେ ଅଭିନୟ କରିବେ।


ଚନ୍ଦନ-ପ୍ରିୟଙ୍କା-ମନୋଜ


ପ୍ରଭାସ

# ପ୍ରଭାସଙ୍କ ଗିଫ୍ଟ

କେବଳ ଅଭିନୟ ନୁହେଁ, ନିଜର ଆମାୟିକ ବ୍ୟବହାର, ମିଠା କଥା ପାଇଁ ସାଉଥ ଷ୍ଟାର ପ୍ରଭାସ ବେଶ୍ ପରିଚିତ। ନିକଟରେ ତାଙ୍କୁ ନେଇ ଆଲୋଚନା କରିବାକୁ ଏକ କଥା ବେଶ୍ ଖୋରାକ ଯୋଗାଇଛି। ନିକଟରେ ତ ମକର ସଂକ୍ରାନ୍ତି ଶେଷ ହୋଇଛି। ଏହି ଅବସରରେ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଥିଲା। ଏବେ ତ ସେ 'ରାଧେ ଶ୍ୟାମ' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ସଂକ୍ରାନ୍ତି ପୂର୍ବ ଦିନ ପ୍ରଭାସ ଚିନ୍ତା କଲେ ଯେ, ସେ ଅଭିନୟ କରୁଥିବା ଫିଲ୍ମର କଳାକାର, ୟୁନିଟ୍ ସଦସ୍ୟଙ୍କୁ ଉପହାର ଦେବେ। ସେପଟେ ଉପହାରଟା ସେପରି ମନଲାଖି ହୋଇଥିବା ଦରକାର। ବାସ୍, ନିଜ ମନ କଥା ମନରେ ରଖି ସେ ଗିଫ୍ଟ କିଣି, ତାକୁ ପ୍ୟାକ୍ କରି ସିଧା ପହଞ୍ଚି ଗଲେ ଶୁଟିଂ ସେଟ୍‌ରେ। ଆଉ କିଛି ସମୟ ପରେ ଆରମ୍ଭ ହୋଇଗଲା ଗିଫ୍ଟ ବାଣ୍ଟିବା ପର୍ବ। ତା'ପରେ କେତେ ଜଣ ୟୁନିଟ୍ ସଦସ୍ୟ ଯେତେବେଳେ ଗିଫ୍ଟ ଖୋଲି ଦେଖିଲେ ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଗିଫ୍ଟଟି ଥିଲା ଏକ ଦାମୀ ରିଷ୍ଟ ୱାଚ୍। ପ୍ୟାରିସ୍‌ରେ ୧୯୮୦ରେ ଘଟିଥିବା ଏକ ହୃଦୟସ୍ପର୍ଶୀ ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହେଉଛି, ଯାହାର ନିର୍ଦ୍ଦେଶନା ଦେଉଛନ୍ତି ରାଧା କ୍ରିଷ୍ଣ କୁମାର।

# ପ୍ରେମକୁ ନା

ଷ୍ଟାର କିଡ୍ ଅନନ୍ୟା ପାଣ୍ଡେଙ୍କୁ ନେଇ ଏବେ ଚର୍ଚ୍ଚା। ସେ କୁଆଡେ ଏବେ ପ୍ରେମରେ ମସଗୁଲ। ପୁଣି କାହା ସହ ସେ ରୋମାନ୍ସରେ ମାତିଛନ୍ତି ଜାଣନ୍ତି ? 'ଧଡକ୍'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିବା ଇଶାନ ଖଟ୍ଟରଙ୍କ ସହ। ଶୁଣିବାକୁ ମିଳୁଛି ଯେ ଦୁହେଁ କୁଆଡେ ଏବେ ମାଳଦୀପରେ ଡେରା ପକାଇଛନ୍ତି। ଏ ନେଇ ଅନନ୍ୟା କହନ୍ତି, 'ମୁଁ ମାଳଦୀପରେ ଅଛି, ଏକଥା ସତ। ହେଲେ ମୋ ସହ ଏଠି ଇଶାନ ଅଛନ୍ତି ବୋଲି ଯାହା ଆଲୋଚନା ହେଉଛି ତାହା ସତ ନୁହେଁ। କେହି ମନରୁ ଫାନ୍ଦି ଏଭଳି କଥା କହିଛନ୍ତି। ମୋର ଏବେ ପ୍ରେମ କରିବାକୁ ସମୟ ନାହିଁ। କାରଣ ଯେହେତୁ ବଲିଉଡ୍‌ରେ ମୁଁ ନ୍ୟୁକମର, ତେଣୁ ଆକ୍ଟିଂ ଉପରେ ଅଧିକ ଧ୍ୟାନ ଦେଉଛି। ଆଉ 'ମୋର ଇଶାନଙ୍କ ସହ ଆଫେୟାର୍ସ ଅଛି, ତାହାକୁ କେହି ବିଶ୍ୱାସ ନ କରିବାକୁ ମୁଁ ଅନୁରୋଧ କରୁଛି।' ଅନନ୍ୟା ନିକଟରେ ଏକ ସିନେମା ସାଇନ୍ କରିଛନ୍ତି, ଯାହାର ଟାଇଟଲ ରହିଛି 'ଲିଗର'। ଏହବ୍ୟତୀତ ସୁକୁନ ବାତ୍ରାଙ୍କର ଏକ ନୂଆ ସିନେମାରେ ସେ ଅଭିନୟ କରିବାର ଯୋଜନା ରହିଛି।


ଅନନ୍ୟା


ରିଚା ଚଡ୍ଢା

## ମାଡାମ ଚିଫ୍ ମିନିଷ୍ଟର

ରିଚା ଚଡ୍ଢାଙ୍କ ଖୁସି କହିଲେ ନ ସରେ। ଏବେ ସେ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଛନ୍ତି। ଏହାର ଅର୍ଥ ନୁହେଁ ଯେ ସେ ଆକ୍ଟିଂକୁ ଗୁଡବାୟ କରି ପଲିଟିକ୍ସରେ ଯୋଗ ଦେଇଛନ୍ତି। ଏପରି ଘଟଣା ଘଟିଛି ରିଚାଙ୍କ ରିୟଲ ଲାଇଫରେ। ଅସଲ କଥା ହେଲା ପ୍ରଯୋଜକ ସୁବାଶ କପୁର ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀଙ୍କ ଜୀବନୀକୁ ନେଇ ଏକ ସିନେମା ନିର୍ମାଣ କରୁଛନ୍ତି, ଯାହାର ଟାଇଟଲ ରହିଛି 'ମାଡାମ ଚିଫ ମିନିଷ୍ଟର'। ଏହି ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସେ। ''ଏପରି ଏକ ସୁଯୋଗକୁ ହାତଛଡା କରିବାକୁ ଚାହୁଁ ନ ଥିଲି। ହେଲେ ପ୍ରଯୋଜକ ମୋ ମନରେ ଥିବା ଶଙ୍କା ଆଶଙ୍କାକୁ ନିମିଷକ ମଧ୍ୟରେ ଦୂର କରିଦେଇଥିଲେ ବୋଲି କହନ୍ତି ରିଚା।'' ଏହି ଫିଲ୍ମରେ ରିଚାଙ୍କ ବ୍ୟତୀତ ଅକ୍ଷୟ ଓବରୟ, ମାନବ କୌଲ ଅଭିନୟ କରୁଛନ୍ତି।



## ଜିଲାପି ପ୍ରିୟ ଦିଶା

ଦିଶା ନିଜ ସ୍ଲିମ୍ ଫିଗର୍ ଓ ବୋଲ୍ଡ ବିକିନୀ ଫଟୋ ପାଇଁ ଚର୍ଚ୍ଚାରେ ରୁହନ୍ତି। ତାଙ୍କ ସ୍ଲିମ୍ ଟ୍ରିମ୍ ଫିଗର୍‌କୁ ଦେଖିଲେ ହିଁ ଜଣା ପଡିଯାଏ ସେ ବେଶ୍ ଡାଏଟ୍ ସଚେତନ ବୋଲି। କିନ୍ତୁ ଜାଣନ୍ତି କି ଦିଶାଙ୍କର ପ୍ରିୟ ଖାଦ୍ୟ କ'ଣ ? ସେ ହେଉଛି ଜିଲାପି। ଜିଲାପି ଖାଇବାକୁ ସେ କେତେ ଭଲ ପାଆନ୍ତି ତାହା ନିକଟରେ ଦେଖିବାକୁ ମିଳିଛି। କଥା କ'ଣ କି ଦିଶା ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟର ଷ୍ଟୋରିରେ ପ୍ଲେଟ୍ ଫୁଲ ଜିଲାପିର ଫଟୋ ଶେୟାର କରିଛନ୍ତି। ଆଉ ଲେଖିଛନ୍ତି 'ମାଇଁ ଡିୟର୍ ଜଲେବି, ୟୁ ଆର୍ ମାଇନ୍'। ଏଥିରେ ନିଜର ଏକ ସେଲ୍ଫି ବି ଶେୟାର୍ କରିଛନ୍ତି, ଯେଉଁଥିରେ ଗୋଲାପୀ ରଙ୍ଗ ଫୁଲର ଇମୋଜି ଦେଇଛନ୍ତି। ନିଜ ପ୍ରିୟ ଖାଦ୍ୟ ପାଇଁ ସେ ଡାଏଟ୍‌କୁ ବି ପଛରେ ପକାଇ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଦିଶା ସଲ୍‌ମାନଙ୍କ ସହ 'ରାଧେ' ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ତା'ସହ ମୋହିତ ସୁରୀଙ୍କ ନିର୍ଦ୍ଦେଶନାରେ 'ଏକ ଭିଲେନ୍-୨'ରେ ବି ଅଭିନୟ କରିବାକୁ ଯାଉଛନ୍ତି।



## ଇମୋଶନାଲ ୟାମି

ଦେଖୁଦେଖୁ ୧୨ ବର୍ଷ ବିତିଗଲା। ହେଲେ ଏବେ ବି ବଲିଉଡ୍‌ରେ ନିଜ ଆକ୍ଟିଂ କ୍ୟାରିୟରକୁ ଆଗେଇ ନେଉଛନ୍ତି ୟାମି ଗୌତମ। କଥା କ'ଣ କି ଏବେ ସେ ଅଭିନୟ କରୁଥିବା ନୂଆ ସିନେମା 'ଭୂତ୍ ପୋଲିସ୍'ର ଶୁଟିଂ ଜୈସଲମରରେ ଚାଲିଛି। ଯେତେବେଳେ ସେ ଏଠାରେ ଶୁଟିଂ ପାଇଁ ପହଞ୍ଚିଲେ ସେତେବେଳେ ସେ ଭାବବିହ୍ୱଳ ହୋଇପଡିଥିଲେ। ଏପରି କି ତାଙ୍କ ଆଖିର ଲୁହକୁ ସେ ରୋକି ପାରି ନ ଥିଲେ। କାରଣ ଏହି ସ୍ଥାନରେ ସେ ୧୨ ବର୍ଷ ପୂର୍ବେ ନିଜ ପ୍ରଥମ ସିନେମାର ଶୁଟିଂ ଆରମ୍ଭ କରିଥିଲେ। ଆଉ ଏବେ ପୁଣି ଥରେ ସେହି ସ୍ଥାନକୁ ଆସିଛନ୍ତି। ଏ ନେଇ ୟାମି କହନ୍ତି, 'ଏଠାରେ ପହଞ୍ଚିଲା ପରେ ମୁଁ ଅଭିନୟ କରିଥିବା ମୋର ପ୍ରଥମ କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ' (୨୦୦୯) କଥା ମନେ ପଡିଗଲା। କାରଣ ଏହାର ଶୁଟିଂ ଜୈସଲମରରେ ହିଁ ଆରମ୍ଭ ହୋଇଥିଲା।'

# ନୀରବତା ଅନ୍ତରାଳେ

ନୁସରତ ଭରୁଚା ଏବେ ଅଧିକାଂଶ ସମୟ ନୀରବ ରହୁଛନ୍ତି। କିଛି ପ୍ରଶ୍ନ ପଚାରିଲେ ଭାବିଚିନ୍ତି ଉତ୍ତର ଦେଉଛନ୍ତି। ହେଲେ କ'ଣ ପାଇଁ ଜାଣନ୍ତି ? ନିଜ ବ୍ୟକ୍ତିଗତ ଜୀବନ ବିଷୟରେ ସେ ସବୁକଥା ଜଣାଇବାକୁ କୁଆଡେ କୁଣ୍ଠାବୋଧ କରୁଛନ୍ତି। ଏ ସମ୍ପର୍କରେ ନୁସରତ କହନ୍ତି, 'ମୋର ବ୍ୟକ୍ତିଗତ ଜୀବନକୁ ନେଇ ଅଧିକାଂଶ ସମୟରେ ଆଲୋଚନା ହୋଇଥାଏ, ହେଲେ ତା' ପଛରେ କିଛି କାରଣ ମଧ୍ୟ ନ ଥାଏ। କିଏ ମୋର ବନ୍ଧୁ କିଏ ମୋ ପ୍ରେମିକ ତାହା ପ୍ରଥମେ ଜାଣିବା ଦରକାର। କାହା ସହ ମୋ ନାମକୁ ଯୋଡି ଯେଉଁ ଅପପ୍ରଚାର ଚାଲିଛି ତାହା ମୋତେ ଡିପ୍ରେସ କରିଦେଉଛି। କାରଣ ମୁଁ ମିଛ କଥାକୁ ଆଦୌ ସହି ପାରେନା। ତେଣୁ ମୁଁ ମୋ ବ୍ୟକ୍ତିଗତ ଜୀବନ ବିଷୟରେ ଅନ୍ୟମାନଙ୍କୁ କିଛି କହିବା ପୂର୍ବରୁ ଭଲ ଭାବରେ ଚିନ୍ତା କରୁଛି। ତେଣୁ ଏନେଇ କେହି ମୋତେ ପ୍ରଶ୍ନ କଲେ ମୁଁ ପ୍ରାୟ ନୀରବ ରହୁଛି।' ତେବେ ନିଜ ବ୍ୟକ୍ତିଗତ ଜୀବନ ବିଷୟରେ ମାପିଚୁପି ଚାଲୁଥିବା ନୁସ୍‌ରତ କେବେ ନିଜ ବ୍ୟକ୍ତିଗତ ଜୀବନ ନେଇ ସବୁକଥା ସର୍ବସାଧାରଣରେ ପ୍ରକାଶ କରିବେ ତାହା ତାଙ୍କୁ ହିଁ ଜଣା।


ନୁସରତ


ଦୀପିକା

# ଶାହରୁଖ ହିଁ ପସନ୍ଦ

କାହା ସହ ଅଭିନୟ କରିବାକୁ ଆପଣଙ୍କୁ ବେଶୀ ଭଲ ଲାଗିଥାଏ ? ଏପରି ପ୍ରଶ୍ନ ଶୁଣିବା ପରେ ଦୀପିକା ପାଦୁକୋନ୍ ଟିକେ ହଡବଡେଇ ଯାଇଥିଲେ। କାରଣ ପ୍ରଶ୍ନଟି ତାଙ୍କ ପାଇଁ ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା ପରି ଥିଲା। ହେଲେ ଥଣ୍ଡା ମିଜାସରେ ସେ କ'ଣ ଉତ୍ତର ଦେଲେ ଜାଣନ୍ତି ? ଶାହରୁଖଙ୍କ ସହ ଅଭିନୟ କରିବାକୁ ତାଙ୍କୁ ବେଶୀ କମ୍ଫର୍ଟ ଲାଗିଥାଏ। ହେଲେ ଏହାର ଅର୍ଥ ନୁହେଁ ଯେ ସେ ପତିଦେବ ରଣବୀରଙ୍କୁ ଏହି ତାଲିକାରେ ରଖିନାହାନ୍ତି। ଏ ନେଇ ଦୀପିକା ପାଦୁକୋନ କହନ୍ତି, 'ରଣବୀର ଏହି ତାଲିକାରେ ଶୀର୍ଷରେ ରହିବେ। ହେଲେ ଶାହରୁଖଙ୍କ ସହ ଆକ୍ଟିଂ କଲେ ଯେଉଁ ସାଟିସ୍‌ଫେକ୍ସନ ମିଳେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। ମୋର ପ୍ରଥମ ସିନେମା 'ଓମ ଶାନ୍ତି ଓମ୍'ରେ ସେ ମୋ ସହ ଲିଡ୍ ରୋଲ୍‌ରେ ଥିଲେ। ସେତେବେଳେ ସେ ମୋତେ ଯେଉଁ ଟିପ୍ସ ଦେଇଥିଲେ ତାହା ମୋ ପାଇଁ ବେଶ୍ ଶୁଭପ୍ରଦ ହୋଇଛି।'

**ପ୍ରଥମ ରୋଜଗାର**



ଶିକ୍ଷାବିତ୍, ଗବେଷକ, ସାମାଜିକ କର୍ମୀ ତଥା ଦିଗ୍‌ଦର୍ଶକ ପ୍ରଫେସର **ଡ. ସୁଧୀର ଚନ୍ଦ୍ର ଜେନା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି ...

## ଦରମା ଟଙ୍କାରେ ଜଗନ୍ନାଥଙ୍କ ପାଖେ ଭୋଗ କରିଥିଲି

ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବାଲିପୋଖରୀ ଗ୍ରାମରେ ମୋର ଜନ୍ମ। ଶଂଶା ଦେବୀ ଓ ଦୈତାରୀ ଜେନାଙ୍କର ମୁଁ ହେଲି ଶେଷ ସନ୍ତାନ। ଗୋଟିଏ ନିମ୍ନ ମଧ୍ୟବିତ୍ତ ଓ ଚାଷୀ ପରିବାରର ପିଲା ଭାବରେ ମୋତେ ଜୀବନରେ ବହୁବିଧ ଆର୍ଥିକ ଓ ସାମାଜିକ ସଂଘର୍ଷର ସାମ୍ନା କରିବାକୁ ପଡ଼ିଥିଲା। ଏପରି କି ମାଟ୍ରିକ୍ ପାସ୍ କରିବା ପରେ ବାପା ମୋତେ ଆଉ ନ ପଢ଼ିବା ପାଇଁ କହୁଥିଲେ। କିନ୍ତୁ ମୋର ପାଠ ପଢ଼ିବାର ଆଗ୍ରହକୁ କେହି ରୋକିପାରି ନ ଥିଲେ। ଆର୍ଥିକ ଦୁରବସ୍ଥା ଭିତରେ ବି ବହୁ କଷ୍ଟରେ ମୁଁ ମୋର ପାଠପଢ଼ାକୁ ଜାରି ରଖି ଯାଜପୁରର ଏନ୍.ସି. କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ ସାରିବା ପରେ ବାଣୀବିହାରରେ ପି.ଜି., ଏମ୍‌ଫିଲ୍ ଓ ପିଏଚ୍.ଡି. କରିଥିଲି। ସୌଭାଗ୍ୟକୁ ରାଜନୀତି ବିଜ୍ଞାନର ଅଧ୍ୟାପକ ଭାବେ ମୋର ପ୍ରଥମ ପୋଷ୍ଟିଂ ବି ସେହି ବାଣୀବିହାରରେ ହିଁ ହୋଇଥିଲା। ୭୦୦ ଟଙ୍କା ଥିଲା ମୋର ପ୍ରଥମ ଦରମା। ଜୀବନରେ ବହୁ କଷ୍ଟ ସହି ରୋଜଗାର କରିଥିବା ଏହି ଟଙ୍କା ମୋ ପାଇଁ ଅମୂଲ୍ୟ ଥିଲା। ତେଣୁ ସେହି ଟଙ୍କାରେ ମୁଁ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଭୋଗ ଲଗାଇଥିଲି। ତେବେ ବାଣୀବିହାର ପରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦାର ଏମ୍.ପି.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ କିଛି କିଛି ବର୍ଷ ଅଧ୍ୟାପନା କରିବା ପରେ ଏଇ କିଛିଦିନ ହେବ ପ୍ରଫେସର ଭାବେ ଚାକିରିରୁ ଅବସର ନେଇଛି। ଅବସର ପରେ ବି ମୋର ରାଜନୀତି ବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ସେମିତି ଜାରି ରଖିଛି। ଅଧ୍ୟାପନା ସହିତ ଲେଖାଲେଖିରେ ବି ମୋର ରୁଚି ରହିଛି। ୟା' ଭିତରେ ଗବେଷଣା, ନିବନ୍ଧ, ସନ୍ଦର୍ଭ, ପ୍ରବନ୍ଧ ତଥା ରାଜନୀତି ବିଜ୍ଞାନ ସମ୍ପର୍କିତ ପାଠ୍ୟକ୍ରମକୁ ନେଇ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ମୋର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରକାଶିତ ହୋଇସାରିଛି। ୧୯୯୭ ମସିହାରେ ମୋର ପ୍ରଥମ ପୁସ୍ତକ ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଉନ୍ମୋଚିତ ହୋଇଥିଲା। ଶିକ୍ଷା ପ୍ରତି ନିବିଡ଼ତା ଓ ଗବେଷଣା ପ୍ରତି ଆଗ୍ରହ ପାଇଁ ମୁଁ ବିଭିନ୍ନ ଅନୁଷ୍ଠାନ ସହ ମଧ୍ୟ ଜଡ଼ିତ; ଯେମିତି କି ଭାରତୀୟ ସମାଜ ବିଜ୍ଞାନ ଏକାଡେମୀ, ରାଷ୍ଟ୍ରୀୟ ସମାଜ ବିଜ୍ଞାନ ପରିଷଦ, ଭାରତୀୟ ଲୋକ ପ୍ରଶାସନ ସଂସ୍ଥା, ଭାରତୀୟ ରାଜନୀତି ସମିତି, ଭାରତୀୟ ନାରୀ ଅଧ୍ୟୟନ ସମିତି, ଭାରତୀୟ ଗାନ୍ଧୀ ଅଧ୍ୟୟନ ସମିତି ଇତ୍ୟାଦି ଅନ୍ୟତମ। ସେହିପରି ଅନ୍ତର୍ଜାତୀୟ ଅଧ୍ୟୟନ ଓ ଗବେଷଣା ପାଇଁ ଭାରତ-ଆମେରିକା କେନ୍ଦ୍ରର ମୁଁ ହେଉଛି ଜଣେ ଆଜୀବନ ସଭ୍ୟ ଓ କର୍ମକର୍ତ୍ତା। ଏହାଛଡ଼ା ମୁଁ ମଧ୍ୟ 'ଓଡ଼ିଶା ସମାଜ ବିଜ୍ଞାନ ପରିଷଦ'ର ଓଡ଼ିଶା ଶାଖାର ପ୍ରତିଷ୍ଠାତା। ମୋର ଏହି ଗବେଷଣା ନିଶା ଯୋଗୁ ମୁଁ ଅନେକ ସେମିନାରରେ ବି ମୁଖ୍ୟବକ୍ତା ଭାବେ ଆମନ୍ତ୍ରିତ ହୋଇଯାଇଛି। ଏତଦ୍‌ବ୍ୟତୀତ ସମାଜସେବା ଏବଂ ପରିବେଶ ସୁରକ୍ଷା ପାଇଁ ଅନେକ କାମ ମଧ୍ୟ କରିଛି; ଯେମିତିକି ନିଜ ଗାଁର କିଛି ଯୁବକ ଓ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗରେ ଏକ ଚାରିଟେବୁଲ ଟ୍ରଷ୍ଟ ଗଠନ କରି ଗାଁର ଅତି ଅଭାବୀ ପରିବାର ପାଇଁ ମାସିକ ପେନ୍‌ସନ୍‌ର ବ୍ୟବସ୍ଥା କରିବା ଏବଂ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବା ଇତ୍ୟାଦି କାର୍ଯ୍ୟ ଅନ୍ୟତମ। ଯେଉଁଥିପାଇଁ ମୋତେ 'ୱାର୍ଲ୍ଡ ଗ୍ରୀନ୍ ଡେ'ରେ ଦିଲ୍ଲୀରେ ପୁରସ୍କୃତ ବି କରାଯାଇଛି। କେବଳ ସମାଜସେବା ନୁହେଁ, ଗବେଷଣା ଓ ପ୍ରକାଶିତ ପୁସ୍ତକ ପାଇଁ ମଧ୍ୟ ମୁଁ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇସାରିଛି। ଏପରିକି ଯୁବ ରେଡକ୍ରସ୍‌ର ଜଣେ ପରାମର୍ଶଦାତା ଭାବେ ୨୦୧୫-୧୬ ଶିକ୍ଷାବର୍ଷରେ ସର୍ବଶ୍ରେଷ୍ଠ କୃତିତ୍ୱ ପାଇଁ ମୁଁ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ମଧ୍ୟ ହୋଇଛି, ଯାହା ମୋ ପାଇଁ ଅତି ଖୁସିର କଥା ଥିଲା। ତେବେ ମୋ ଜୀବନରେ କିଛିଟା ସ୍ୱପ୍ନ ରହିଛି; ଯେମିତିକି ନିଜ ଗାଁରେ ଏକ ଗାନ୍ଧୀ ଭବନର ପ୍ରତିଷ୍ଠା କରିବା, ଦୁର୍ନୀତିମୁକ୍ତ ସମାଜ ସାଙ୍ଗକୁ ଏକ ସବୁଜିମାଭରା ଗ୍ରାମାଞ୍ଚଳ ଗଢ଼ିବା। ଏଥିସହିତ ଶେଷଜୀବନ ନିଜ ଗାଁରେ କଟାଇବା।

*-ନମିତା ପ୍ରିୟଦର୍ଶିନୀ*

# ଚୋରା ଚାହାଣୀରେ ଇସାରା କରି, ରଙ୍ଗିଲା ମନକୁ କରିଛି ଚୋରି

**ପ୍ରଶ୍ନ**-ପ୍ରେମ କରିବାକୁ ମୋ ମନ ଭାରି ଉତାବିଳା ହେଲାଣି। ଏପଟେ ଜଣେ ସୁନ୍ଦରୀ ତା' ଚୋରା ଚାହାଣୀରେ ମୋ ମନକୁ ଘାଇଲା କରିଦେଇଛି। ସେ ମୋତେ ପ୍ରେମ କରୁଛି ତ ?

*-ଉଦୟ ସାହୁ, ବଲାଙ୍ଗୀର*

**ଉତ୍ତର:** ସମଝଦାର ଆଦମୀ କୋ ଇସାରା କାଫି ହେ। ତେଣୁ ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳୁଛି ତେଣୁ ଭାବି ଭାବି ସମୟ ଅପଚୟ କରିବା ଆଦୌ ଠିକ୍ ନୁହେଁ। କାରଣ 'ଚୋରା ଚାହାଣୀରେ ଇସାରା କରି, ରଙ୍ଗିଲା ମନକୁ କରିଛି ଚୋରି।' ତେଣୁ ସେହି ସୁନ୍ଦରୀ ମନକୁ ଆପଣଙ୍କ ମନ କୋଠରୀରେ ଯେତେଶୀଘ୍ର ଲକ୍ ଅପ୍ କରିଦିଅନ୍ତୁ। ଆଉ ତା'ପରେ ପ୍ରେମର ଚାର୍ମ କିପରି ଲାଗୁଛି ତାହା ବଳେ ବଳେ ଜାଣିପାରିବେ।

**ପ୍ରଶ୍ନ**-ବିବାହ ପୂର୍ବରୁ ମୁଁ ଜଣେ ଝିଅକୁ ପ୍ରେମ କରୁଥିଲି। ହେଲେ ଏବେ ତା' କଥା ବେଶୀ ମନେ ପଡୁଛି। ମୋ ମନରେ ପ୍ରଶ୍ନ ଉଠୁଛି ଯେ ବର୍ତ୍ତମାନ ମୁଁ କାହାକୁ ଅଧିକ ବିଶ୍ୱାସ କରିବି-ମୋ ସ୍ତ୍ରୀ ପ୍ରେମକୁ ନା ମୋ ପୂର୍ବତନ ପ୍ରେମିକା ପ୍ରେମକୁ ? ଏପରି ପ୍ରଶ୍ନକୁ ନେଇ ମୁଁ ଅଡୁଆରେ ପଡିଯାଇଛି।

*-ନିର୍ମଳ ଦାସ, କେନ୍ଦ୍ରାପଡା*

**ଉତ୍ତର:** ବିବାହ ପରେ ପୂର୍ବ ପ୍ରେମକୁ ମନେ ପକାଇ କେତେବଡ ଭୁଲ କରୁଛନ୍ତି ତାହା ଥରେ ଚିନ୍ତା କରନ୍ତୁ। ଯାହା ଅତୀତ ହୋଇଯାଇଛି ତାକୁ ପୁଣି ଆଣି ବର୍ତ୍ତମାନ ସହ ଯୋଡିଲେ ଆପଣଙ୍କ ବୈବାହିକ ଜୀବନ କ'ଣ ହେବ ଜାଣିପାରୁଛନ୍ତି ତ ? ଯଦି ଏହାର ସୁରାକ ଆପଣଙ୍କ ପତ୍ନୀଙ୍କୁ ମିଳିଗଲା, ତା'ପରେ ଯେଉଁ ବିସ୍ଫୋରଣ ହେବ ତାହାକୁ ସାମନା କରିପାରିବେ ତ ? ତେଣୁ ନିଜ ଅବୁଝା ମନକୁ ବୁଝାଇ ଦିଅନ୍ତୁ। ସେହି ପୁରୁଣା ପ୍ରେମ ଆଉ ପ୍ରେମିକାକୁ ସବୁଦିନ ପାଇଁ ଭୁଲିଯାଆନ୍ତୁ। ତେବେ ଯାଇ ଆପଣ ନିଜ ମ୍ୟାରେଡ୍ ଲାଇଫକୁ ଶାନ୍ତିପୂର୍ଣ୍ଣ ଭାବରେ ଏଞ୍ଜୟ କରିପାରିବେ। କାରଣ ଏବେ ବଲ୍ ଆପଣଙ୍କ କୋର୍ଟରେ, ଆପଣ ଖେଳିବା ଉପରେ ହିଁ ଫଳାଫଳ ନିର୍ଭର କରେ।

**ପ୍ରଶ୍ନ**-ପ୍ରେମର ପ୍ରଥମ ପାହାଚରେ ଝିଅମାନେ ଲାଜ କରନ୍ତି କାହିଁକି ?

*-ଆଶୁତୋଷ, ବଡବିଲ, କେନ୍ଦୁଝର*

**ଉତ୍ତର:** ଲାଜ ହେଉଛି ଝିଅମାନଙ୍କର ଗହଣା। ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। କେତେବେଳେ ତାହାର ସ୍ୱାଦ ମିଠା ଥାଏ ତ କେତେବେଳେ ତାହା ପରମାଣୁ ବୋମା ଠାରୁ ଆହୁରି ଭୟଙ୍କର ହୋଇଥାଏ। ଯଦି ଝିଅଟିଏ ଲାଜେଇ ଲାଜେଇ ଆପଣଙ୍କ ସହ କଥା ହେଉଛି ତା' ମନକୁ କଥାକୁ ଭଲ ଭାବରେ ଷ୍ଟଡି କରନ୍ତୁ ନା ! ତାକୁ ସିନା ଭଲ ଭାବରେ ପଢ଼ି ପାରିଲେ ଆପଣ ଆଗକୁ ଆଗେଇବେ। ଅନେକ ସମୟରେ ଏହି ଲାଜରେ ହିଁ ପ୍ରେମର ପହିଲି ଇସାରା ଲୁଚି ରହିଥାଏ। ହେଲେ ତାକୁ ଜାଣିବା ହେଲା ବଡ କଥା। ତେଣୁ ସେହି ଲାଜରେ ବିଭୋର ନ ହୋଇ ତାକୁ ତର୍ଜମା କରି ଆଗେଇଲେ ହିଁ ଭଲ।

**ପ୍ରଶ୍ନ**-ମୁଁ ଯାହାକୁ ଭଲ ପାଉଛି ସେ ସବୁବେଳେ ମୋ ଆଖି ସାମନାକୁ ଆସୁଛି। ସବୁବେଳେ ତା' କଥା ମନେ ପଡୁଛି। ଏମିତି କାହିଁକି ହେଉଛି ?

*-ତନ୍ମୟ ରାଉତ, ପୁରୀ*

**ଉତ୍ତର:** ପ୍ୟାର୍ କା ଲଡୁ ଜୋ ଖାୟା ଓ ପସ୍ତାୟା ଜୋ ନେହିଁ ଖାୟା ଓ ଭି ପସ୍ତାୟା। ତେଣୁ ପ୍ରେମ ନିଶା ଗାଢ଼ ହେଲେ ଏମିତି ହୋଇଥାଏ। ତେଣୁ ଏଥିରେ ବ୍ୟସ୍ତ ହେବାର କିଛି ନାହିଁ। ପ୍ରେମ କରିବା ସମୟରେ ଗୋଟିଏ କଥା ମନେ ରଖିବା ଦରକାର। ପ୍ରେମର ରାସ୍ତା ଖସଡା। କେତେବେଳେ ଗୋଡ ଖସିଯିବ ଆଉ ଆପଣ ବାଟବଣା ହୋଇଯିବେ ତାହା ଜାଣିପାରିବେ ନାହିଁ। ତେଣୁ ଧୈର୍ଯ୍ୟ ରଖି ଆଗେଇଲେ ଫଳ ମିଠା ହୋଇଥାଏ।





# ଜନଜାତି ସଂଗ୍ରହାଳୟ





ସାଧାରଣତଃ ବିରଳ ଆଉ ପୁରାତନ ସାମଗ୍ରୀକୁ ନେଇ ସଂଗ୍ରହାଳୟ ହୋଇଥାଏ। ଏଥିରୁ ଆମେ ଆମ ଇତିହାସ ଓ ସଂସ୍କୃତି କଥା ଜାଣିଥାଉ। ମାତ୍ର ଆଦିବାସୀଙ୍କ ଜୀବନଶୈଳୀ ସମ୍ପର୍କରେ ଜାଣିବା ପାଇଁ କେହି ଯଦି ଇଚ୍ଛାକରନ୍ତି ହୁଏତ କେଉଁ ଏକ ଦୂର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଯିବାକୁ ହେବ। ତେବେ ଭୁବନେଶ୍ୱରରେ ରହିଛି ଏମିତି ଏକ ଭିନ୍ନ ପରିବେଶ; ଯେଉଁଠି ପର୍ଯ୍ୟଟକ, ଗବେଷକ ଓ ଦର୍ଶକ ଆଦିବାସୀଙ୍କ ଜୀବନଶୈଳୀ ସମ୍ପର୍କରେ ଜାଣିବା ପାଇଁ ବୁଲି ଦେଖିପାରିବେ। ଏଠାରେ ସେମାନଙ୍କ ଚଳଣି, ଜୀବିକା, ଦେବଦେବୀ, ପୂଜାପାର୍ବଣ, ବାସଗୃହ, ଖାଦ୍ୟପଦାର୍ଥ, ଅସ୍ତ୍ରଶସ୍ତ୍ର, ଅଳଙ୍କାର,ଗୃହ ଉପକରଣ, କୃଷି, ମାଛଧରା, ସଂଗୀତ, ନୃତ୍ୟ, ପେଣ୍ଟି, ବେଶପୋଷାକ ଓ କଳା ସଂସ୍କୃତି ଇତ୍ୟାଦି ବିଷୟରେ ଜାଣହେବ। ତେବେ ଭୁବନେଶ୍ୱର ୧୬ନମ୍ବର ଜାତୀୟ ରାଜପଥର ସିଆରପି ଛକ ନିକଟରେ ରହିଛି ଏହି ସଂଗ୍ରହାଳୟ। ୧୯୫୨ ମସିହାରେ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ପ୍ରତିଷ୍ଠାନଟି ପ୍ରତିଷ୍ଠା ହୋଇଛି।

ଏହି ପରିସରରେ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ରହିଛି। ପ୍ରାୟ ୧୮ଏକର ପରିମିତ ଜମି ଉପରେ ବିଭିନ୍ନ କ୍ଷେତ୍ର ନିର୍ମାଣ ହୋଇଛି। ଏହା କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ଦ୍ୱାରା ଆର୍ଥିକ ସହାୟତାରେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ସ୍ଥାପିତ ହୋଇଛି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଥିବା ଏହି ଜନଜାତି ସଂଗ୍ରହାଳୟର ଉନ୍ନତୀକରଣ ହୋଇପାରିଛି। ଏଠାରେ ଅନେକ ଦୁଷ୍ପ୍ରାପ୍ୟ କଳା ଓ କଳାବସ୍ତୁଗୁଡ଼ିକୁ ପ୍ରଦର୍ଶିତ କରାଯାଇଥାଏ। ଏଗୁଡ଼ିକୁ ଦେଖିବା ପାଇଁ ଦେଶ ବିଦେଶର ପର୍ଯ୍ୟଟକ, ଗବେଷକମାନେ ଆସିଥାନ୍ତି। ସଂଗ୍ରହାଳୟରେ ପ୍ରାୟ ୫ଟି ଜନଜାତି ସମ୍ପ୍ରଦାୟ ଯଥା- ସାନ୍ତାଳ, ଜୁଆଙ୍ଗ, ସଉରା, ଗଦବା ଓ କନ୍ଧମାନଙ୍କ ପାଇଁ କୁଟୀର ନିର୍ମାଣ ହୋଇଛି। ଏହା ସେମାନଙ୍କ ସ୍ଥାପତ୍ୟକଳାର ପରିଚୟ ବହନକରେ। ଏକ ଗାଲେରିରେ ଆଦିବାସୀଙ୍କ ଅଳଙ୍କାର, ତୈଳଚିତ୍ର, ଫଟୋଗ୍ରାଫ, କୃଷିଯନ୍ତ୍ରପାତି, ବାଦ୍ୟଯନ୍ତ୍ର, ଡୋକ୍ରା ଦ୍ରବ୍ୟ ଆଦି ରହିଛି। ପ୍ରାୟ ୩୮ ପ୍ରକାର ଆଦିବାସୀଙ୍କ ବ୍ୟବହୃତ ସାମଗ୍ରୀ ରହିଛି। ୬୨ ପ୍ରକାରର ଆଦିବାସୀଙ୍କ ପାରମ୍ପରିକ ବାସଗୃହ ସମ୍ପର୍କରେ ଜାଣିହେବ । ବିଭିନ୍ନ ଜନଜାତିର ଆରାଧ୍ୟ ଦେବତାଙ୍କ ପ୍ରତିମା ସ୍ଥାନ ପାଇଛି। ଏଠାରେ ବହୁବର୍ଷର ପୁରୁଣା ସାମଗ୍ରୀ ସ୍ଥାନ ପାଇଛି। ଜନଜାତି ସଂସ୍କୃତିର ନିଜସ୍ୱ କଳା କାରିଗରି, ପାରମ୍ପରିକ ସ୍ୱାସ୍ଥ୍ୟ ଓ ପରିମଳ ସ୍ୱଚ୍ଛତା ଆଦି ପ୍ରତିଟି କ୍ଷେତ୍ରରେ ସ୍ୱତନ୍ତ୍ରତା ରହିଛି। ପ୍ରଶିକ୍ଷଣ ପ୍ରତିଷ୍ଠାନର ସବୁଜିମାଭରା ପ୍ରାଙ୍ଗଣରେ ଏହି ଜନଜାତି ସଂଗ୍ରହାଳୟଟି ଅବସ୍ଥିତ। ଆଦିବାସୀମାନେ ବ୍ୟବହାର କରୁଥିବା ମୁଦ୍ରାମାଳି, କାଚମାଳି ମଧ୍ୟ ସୁସଜ୍ଜିତ କରାଯାଇଛି। ସଂଗ୍ରହାଳୟଟିରେ ବିବିଧ କୃଷି ଉପକରଣ ଆଦିର ଏକ ସ୍ୱତନ୍ତ୍ର ବିଭାଗ ରହିଛି। ସାଧାରଣ କୃଷି ସହିତ ପୋଡୁଚାଷ ଆଦିର ଝଲକ ଏଠାରେ ଉପସ୍ଥାପନ କରାଯାଇଛି। ଏହି ସଂଗ୍ରହାଳୟର ଅନ୍ୟ ଏକ କକ୍ଷରେ ଆଦିମ ଜନଜାତିଙ୍କ ଶିକାର ଓ ମାଛଧରା ଉପକରଣମାନ ପ୍ରଦର୍ଶିତ । ଏଥିରେ କନ୍ଧଙ୍କ କୁଠାର, ପରଜାଙ୍କ ବର୍ଚ୍ଛା, ବିଭିନ୍ନ ବର୍ଗର ଜନଜାତିମାନେ ବ୍ୟବହାର କରୁଥିବା ନାନା ପ୍ରକାରର ଧନୁ ଓ ତୀର ସଂରକ୍ଷିତ ରଖାଯାଇଛି। ସଂଗ୍ରହାଳୟରେ ସୁସଜ୍ଜିତ ଜନଜାତି ତୈଳଚିତ୍ର ଓ ଆଲୋକଚିତ୍ର ମାଧ୍ୟମରେ ସେମାନଙ୍କ ଦୈନନ୍ଦିନ ସରଳ ଜୀବନ ଧାରାର କାହାଣୀ ପ୍ରଦର୍ଶିତ । ସଉରା ଓ ଡଙ୍ଗରିଆଙ୍କ ସାମାଜିକ ଓ ଧାର୍ମିକ ପୂଜାବିଧି ସମୟର ଅବିକଳ ଫଟୋଚିତ୍ର ରଖାଯାଇଛି। ସଉରାଙ୍କ କାନ୍ଥଚିତ୍ର, କୋୟାମାନଙ୍କ ସମବେତ ନୃତ୍ୟ ପ୍ରଦର୍ଶନ ଶୈଳୀ ଓ ପାରମ୍ପରିକ ବେଶଭୂଷା ପୋଷାକର ଫଟୋଚିତ୍ର ଦେଖିବାକୁ ମିଳେ। ଧାର୍ମିକ ଦୃଷ୍ଟିକୋଣରୁ ଦେଖିଲେ ଜନଜାତି ଓ ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଦେବଦେବୀଙ୍କ ପୀଠରେ ଅନେକ ପ୍ରକୃତିଗତ ବୈଶିଷ୍ଟ୍ୟ ଓ ବିଚିତ୍ର ବିଲକ୍ଷଣ ପରିଲକ୍ଷିତ ହୁଏ। ସଂଗ୍ରହାଳୟରେ ପ୍ରଶସ୍ତ ଓ ମୁକ୍ତ ପ୍ରାଙ୍ଗଣରେ ଅନେକ ଦେବଦେବୀଙ୍କ ପୀଠ ପ୍ରତିଷ୍ଠା କରାଯାଇଛି। ଏସବୁ ଜନଜାତି ସଂସ୍କୃତିର ପ୍ରତିରୂପ ପ୍ରତିଫଳନ କରେ। ଏଠାରେ ଥିବା ପ୍ରସ୍ତରଖଣ୍ଡ, ଖୋଦିତ କାଷ୍ଠସ୍ତମ୍ଭ ଓ ବାଉଁଶ ଜନଜାତି ପୂଜା ଆରାଧନାର ପ୍ରାକୃତିକ ଉପାଦାନ। ୟୁନେସ୍କୋର ସର୍ବଶ୍ରେଷ୍ଠ ସଂଗ୍ରହାଳୟ ତାଲିକା ମଧ୍ୟରେ ଏହି ସଂଗ୍ରହାଳୟଟି ସ୍ଥାନ ପାଇଛି। ଆଦିମ ଜନଜାତିଙ୍କ ପାଇଁ ନୂତନ ସଂଗ୍ରହାଳୟର ପରିବେଶ ଖୁବ୍ ସୁନ୍ଦର । ଏଠାର ପରିବେଶରେ ସବୁଜ ଘାସ, ଗଛଲତା ଓ ଅନେକ ରଙ୍ଗର ଫୁଲ ସମ୍ଭାରରେ ପରିପୂର୍ଣ୍ଣ। ଏହା ଦର୍ଶକଙ୍କୁ ଜନଜାତି ବସତିର ଭ୍ରମ ସୃଷ୍ଟିକରେ। ଏଠାକୁ ବର୍ଷର ବିଭିନ୍ନ ସମୟରେ ଦର୍ଶକ ବୁଲିବାକୁ ଆସଥାନ୍ତି। ମାତ୍ର କେତେକ ସରକାରୀ ଛୁଟିରେ ଏହି ସଂଗ୍ରହାଳୟଟି ବନ୍ଦ ରହିଥାଏ। ଏହି ଆଦିବାସୀ ସଂଗ୍ରହାଳୟକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରନ୍ତି। ବିଭିନ୍ନ ବିଷୟରେ ଜାଣିବା ପାଇଁ ସଂଗ୍ରହାଳୟ ସମ୍ପର୍କରେ ସୂଚନାପତ୍ର ରହିଛି ।

–ବନବିହାରୀ ବେହେରା
















ସାଧନା

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ

## ହାଃ ହାଃ

### ହାତରନ୍ଧା
ରାଜୁ ଓ ତା' ସ୍ତ୍ରୀ ଝଗଡା ହେବା ପରେ
ସ୍ତ୍ରୀ- ଆସ ଖାଇବ।
ରାଜୁ ରାଗିକି- ତମ ହାତ ରନ୍ଧା କୁକୁର ବି ଖାଇବନି।
ସ୍ତ୍ରୀ- ସେଥିପାଇଁ ତ ତମକୁ ଖାଇବାକୁ ଦଉଛି।

### ଭବିଷ୍ୟତ କାଳ
ଶିକ୍ଷକ-ମଣ୍ଟୁ କହିଲୁ ଦେଖି- 'ବହୁତ ଜୋର୍‌ରେ ପବନ ହେବା ସହ ବର୍ଷା ହେଉଛି'ର ଭବିଷ୍ୟତ କାଳ କ'ଣ ହେବ ?
ମଣ୍ଟୁ- ସାର୍ ଏହାର ଭବିଷ୍ୟତ କାଳ ହେଉଛି, 'ଲାଇନ୍ ଚାଲିଯିବ'।

### ଶୀତଳ ଛାୟା
ମୋହନ ଗଛ ତଳେ ବସିଥିବାର ଦେଖି
ରାଜେଶ- ଗଛ ତଳେ କାହିଁକି ବସିଛୁ ?
ମୋହନ- ମତେ ଜଣେ କହିଲେ, ଗଛ ତଳେ ବସିଲେ ଶୀତଳ ଛାୟା ମିଳିବ।
ରାଜେଶ- ଓଃ, ସେଥିପାଇଁ ବସିଛୁ।
ମୋହନ- ହଁ, ହେଲେ ଏ ଯାଏଁ ନା ଶୀତଳ ଆସିଲା, ନା ଆସିଲା ଛାୟା।









# ଭ୍ରମଣରେ ଦେଶପ୍ରୀତି



**ସାଧାରଣତନ୍ତ୍ର ଦିବସ ଅବସରରେ ଭାରତର ବିଭିନ୍ନ ସ୍ଥାନରେ ଭବ୍ୟ ପରେଡ୍‌ର ଆୟୋଜନ ହେବା ସହିତ ଦେଶପ୍ରୀତି ସମ୍ପର୍କିତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥାଏ। ତେଣୁ ଏହି ବିଶେଷ ଦିବସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ମନରେ ଦେଶପ୍ରୀତି ଜାଗ୍ରତ ହେବା ସହ ଅନେକ ଐତିହାସିକ ତଥ୍ୟ ଜାଣିହେବ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

**ସାବରମତୀ ଆଶ୍ରମ:** ଗୁଜରାଟର ଅହମଦାବାଦ୍‌ସ୍ଥିତ ସାବରମତୀ ନଦୀତଟରେ ଥିବା ଏହି ଆଶ୍ରମରେ ଗାନ୍ଧିଜୀ ନିଜ ଅନୁଗତମାନଙ୍କୁ ଅହିଂସା ଓ ସତ୍ୟର ସନ୍ଧାନ ଉପରେ ଶିକ୍ଷା ଦେଉଥିଲେ। ତା'ସହିତ ଗାନ୍ଧିଜୀ ସେମାନଙ୍କୁ କୁଟୀରଶିଳ୍ପ, ହସ୍ତଶିଳ୍ପ, ଚାଷବାସ ଆଦି ବିଷୟ ଉପରେ ଜ୍ଞାନ ପ୍ରଦାନ କରୁଥିଲେ। 'ଖଟି ଖାଅ କାଟି ପିନ୍ଧ' ଥିଲା ଗାନ୍ଧିଜୀଙ୍କର ବାଣୀ। ସେଥିପାଇଁ ଗାନ୍ଧିଜୀ ଏଠାରେ ଚରଖା ସ୍ଥାପନ କରି ସେଥିରେ ନିଜେ ନିଜର ପୋଷାକ ତିଆରି କରି ପିନ୍ଧୁଥିଲେ ଏବଂ ଆଶ୍ରମବାସୀଙ୍କୁ ବି ତାହା ଶିଖାଉଥିଲେ। ଫଳରେ ଅନେକ ଲୋକ ଏଥିରୁ ଉପକୃତ ହେଉଥିଲେ। ତେଣୁ ଗାନ୍ଧିଜୀଙ୍କ ଆଦର୍ଶ ଓ ଶିକ୍ଷା ସବୁଦିନ ପାଇଁ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିଛି ଓ ରହିଥିବ। ଆଉ ଏହି ସାବରମତୀ ଆଶ୍ରମଟି ଗାନ୍ଧିଜୀଙ୍କର ଗୁଣଗାନ ବଖାଣୁଥିବ। ତେଣୁ ସାଧାରଣତନ୍ତ୍ର ଦିବସ ଅବସରରେ ଏଠାକୁ ବୁଲିଗଲେ ପର୍ଯ୍ୟଟକ ଅନେକ ଅନୁଭୂତି ସାଉଁଟି ପାରିବେ।

**ଚନ୍ଦ୍ରଶେଖର ଆଜାଦ୍ ପାର୍କ:** ଏହା ଆଲ୍‌ଫ୍ରେଡ୍ ପାର୍କ ନାମରେ ବି ପରିଚିତ। କୁହାଯାଏ, ୧୮୭୦ରେ ଏହି ପାର୍କଟି ଆଲ୍ଲାହାବାଦରେ ପ୍ରିନ୍ସ ଆଲ୍‌ଫ୍ରେଡ୍‌ଙ୍କ ନାଁରେ ପ୍ରଥମେ ଗଢ଼ି ଉଠିଥିଲା। କିନ୍ତୁ କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦ୍ ଏହି ପାର୍କରେ ଦେହତ୍ୟାଗ କରିବା ପରେ ଏହା ଲୋକମୁଖରେ ଚନ୍ଦ୍ରଶେଖର ଆଜାଦ୍ ପାର୍କ ଭାବେ ପରିଚିତ ହେବାକୁ ଲାଗିଲା। ଆଉ ଯେଉଁ ଗଛ ମୂଳରେ ଆଜାଦ୍ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ, ସେଠାରେ ଏକ ସ୍ମୃତିସ୍ତମ୍ଭ ଗଢ଼ାଯିବା ସହିତ ଆଜାଦ୍‌ଙ୍କର ଏକ ପ୍ରତିମୂର୍ତ୍ତି ମଧ୍ୟ ପାର୍କ ମଧ୍ୟରେ ସ୍ଥାପିତ ହେଲା। ତେଣୁ ଉକ୍ତ ପାର୍କଟିର ସୌନ୍ଦର୍ଯ୍ୟ ଓ ଐତିହାସିକ ମହତ୍ତ୍ୱ କେବଳ ଭାରତୀୟଙ୍କୁ ନୁହେଁ, ବିଦେଶୀଙ୍କୁ ମଧ୍ୟ ଖୁବ୍ ଆକୃଷ୍ଟ କରିଥାଏ। ସେଥିପାଇଁ ବର୍ଷସାରା ଏଠାରେ ବେଶ୍ ଭିଡ଼ ଜମିଥାଏ। ଖାସ୍ କରି ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଶହୀଦ ଦିବସ ପରି ବିଶେଷ ଦିନମାନଙ୍କରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ, ଯାହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।

**ଅଗଷ୍ଟକ୍ରାନ୍ତି ମୈଦାନ:** ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ମୁମ୍ବାଇସ୍ଥିତ ଏକ ମୈଦାନ ବା ପଡ଼ିଆରେ ସାର୍ବଜନିନ ସମ୍ମିଳନୀରେ ଭାରତଛାଡ଼ ଆନ୍ଦୋଳନର ନାରାବାଜି ଦେଇଥିଲେ। ଯେଉଁ ପଡ଼ିଆରୁ ଗାନ୍ଧିଜୀ ଏହି ଅଭିଯାନର ମୂଳଦୁଆ ପକାଇଥିଲେ, ତାହା ବର୍ତ୍ତମାନ ଅଗଷ୍ଟକ୍ରାନ୍ତି ମୈଦାନ ନାଁରେ ଜଣାଶୁଣା। ପୂର୍ବରୁ ଏହା ଗୋୱାଲିୟା ଟ୍ୟାଙ୍କ ମୈଦାନ ଭାବେ ଜଣାଯାଉଥିଲା। କାରଣ ପୂର୍ବେ ଏହି ସ୍ଥାନରେ ଗାଈଗୁଡ଼ିକୁ ଗାଧୁଆ ଯାଉଥିଲା। ଇତିହାସ ଅନୁସାରେ, 'ଗୋ-ୱାଲିୟା' ଶବ୍ଦଟି ମରାଠୀ ଭାଷା 'ଗାଏ' ଏବଂ 'ୱାଲା'ରୁ ଉଦ୍ଭୃତ। ମରାଠୀ ଭାଷାରେ 'ଗାଏ' ଶବ୍ଦର ଅର୍ଥ ଗାଈ ଏବଂ 'ୱାଲା/ୱାଲି'ର ଅର୍ଥ ଗାଈର ମାଲିକ। ଅର୍ଥାତ୍ ଏଠାରେ ଥିବା ପାଣିଟାଙ୍କି ପାଖରେ ଗାଈଗୁଡ଼ିକୁ ଗାଧୋଇ ଦେବା ପାଇଁ ପୂର୍ବରୁ ଗାଈ ମାଲିକମାନେ ଏଠାରେ ଭିଡ଼ ଜମାଉଥିଲେ। ଏବେ ବି ସେହି ପାଣି ଟାଙ୍କି ଏଠାରେ ଥିବା ଦେଖିବାକୁ ମିଳିଥାଏ। ବର୍ତ୍ତମାନ ଏହି ମୈଦାନଟି ପାଞ୍ଚ ଭାଗରେ ବିଭକ୍ତ। ତନ୍ମଧ୍ୟରୁ ସବୁଠୁ ବଡ଼ ଭାଗଟି ଖେଳପଡ଼ିଆରେ ପରିଣତ ହୋଇଥିବାବେଳେ ଆଉ ଏକ ଭାଗରେ ଶିଶୁ ଉଦ୍ୟାନ ହୋଇଛି। ସେହିପରି ବୟସ୍କ ବ୍ୟକ୍ତିଙ୍କ ବସାଉଠା ପାଇଁ ଗୋଟିଏ ଭାଗ ପାର୍କରେ ପରିଣତ ହୋଇଛି। ଚତୁର୍ଥ ଭାଗଟି ନିକଟରେ ଥିବା ଫେଲୋଶିପ୍ ସ୍କୁଲ୍ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ପାଇଁ ଛଡ଼ା ଯାଇଥିବାବେଳେ ପଞ୍ଚମ ଭାଗରେ ସ୍ମାରକୀ ସ୍ତମ୍ଭକୁ ସ୍ଥାନ ଦିଆଯାଇଛି। ଏହି ସ୍ମାରକୀ ସ୍ତମ୍ଭ ନିକଟରେ ପ୍ରତିବର୍ଷ ସେହି କ୍ରାନ୍ତିକାରୀ ଘଟଣାକୁ ସ୍ମରଣ କରି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଅନ୍ୟପକ୍ଷେ ବିଭିନ୍ନ ସ୍ମରଣୀୟ ଦିବସରେ ବି ପର୍ଯ୍ୟଟକ ଏଠାକୁ ଯାଇ ବିଶେଷ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ଉପଭୋଗ କରିପାରିବେ।

**ଚମ୍ପାରଣ:** ଏହା ବିହାରସ୍ଥିତ ଏକ ଐତିହାସିକ ସ୍ଥଳ, ଯାହା ଏବେ ପୂର୍ବ ଚମ୍ପାରଣ ଓ ପଶ୍ଚିମ ଚମ୍ପାରଣ ନାମରେ ଦୁଇଟି ଭିନ୍ନ ଜିଲା ହୋଇଯାଇଛି। ତେବେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସହ ଚମ୍ପାରଣର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଇତିହାସ ଅନୁଯାୟୀ, ବିଦେଶରୁ ଫେରିବା ପରେ ଜାତିର ପିତା ମହାତ୍ମା ଗାନ୍ଧୀ ଇଂରେଜଙ୍କ ବିରୋଧରେ ନିଜର ପ୍ରଥମ ଅହିଂସା ଆନ୍ଦୋଳନ ଏହିଠାରୁ ଆରମ୍ଭ କରିଥିଲେ। ଏହାକୁ ଆମେ ଭାରତର ଏକ କୃଷକ ଆନ୍ଦୋଳନ ମଧ୍ୟ କହିପାରିବା, ଯାହାର ପ୍ରତିନିଧିତ୍ୱ ସ୍ୱୟଂ ବାପୁ ହିଁ କରିଥିଲେ। ଚମ୍ପାରଣର ଇତିହାସ ଏତେସବୁ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ନିଜ ଭିତରେ ସାଇତି ରଖିଥିବାରୁ ଏହି ସ୍ଥାନଟିର ମହତ୍ତ୍ୱ ସବୁବେଳେ ରହିଆସିଛି। ତେଣୁ ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଏଠାକୁ ମଧ୍ୟ ବୁଲିଯାଇ ଅନେକ ଅନୁଭୂତି ହାସଲ କରିପାରିବେ।

କେବଳ ଏହିସବୁ ସ୍ଥାନ ନୁହେଁ, କୋଲକାତାର ନେତାଜୀ ଭବନ, ଦିଲ୍ଲୀର ଲାଲକିଲ୍ଲା ଓ ଇଣ୍ଡିଆ ଗେଟ୍ ହେଉ ଅବା ଅଟାରି-ୱାଘା ବର୍ଡର ଆଦି ସ୍ଥାନକୁ ମଧ୍ୟ ବୁଲିଗଲେ ପର୍ଯ୍ୟଟକ ଦେଶପ୍ରୀତିର କିଛିଟା ନିଆରା ଅନୁଭୂତି ନିଶ୍ଚୟ ଅନୁଭବ କରିପାରିବେ।





# ପତ୍ରରେ ଏମ୍ବ୍ରୋଏଡରୀ



ଏମ୍ବ୍ରୋଏଡରୀ ହୋଇଥିବା କପଡ଼ାର ପୋଷାକ ପିନ୍ଧିବାକୁ ପ୍ରାୟ ସମସ୍ତେ ପସନ୍ଦ କରନ୍ତି। ତେବେ ଏହି କଳାକୁ ଏକ ଭିନ୍ନ ରୂପ ଦେଇଛନ୍ତି ରିଚମଣ୍ଡ, ଭର୍ଜିନିଆର ହିଲାରୀ ୱାଟର୍ସ ଫେୟଲ ନାମକ ଜଣେ କଳାକାର। ସେ ଶୁଖିଲା ପତ୍ର ଉପରେ କରୁଛନ୍ତି ଏମ୍ବ୍ରୋଏଡରୀ। ଏଥିପାଇଁ ସେ ଶୁଖିଲା ପତ୍ର, ଛୋଟିଆ ଛୁଞ୍ଚି ଓ ସୂତା ବ୍ୟବହାର କରନ୍ତି। ଏହି କାମ ପାଇଁ ଅସୀମ ଧୈର୍ଯ୍ୟର ଆବଶ୍ୟକତା ରହିଥାଏ। କାରଣ ସତର୍କତାର ସହ ଏହି ସୂକ୍ଷ୍ମ କାମ ନ କଲେ ପତ୍ର ଛିଣ୍ଡି ଯିବାର ଆଶଙ୍କା ଥାଏ। ବେଶ୍ ନିଖୁଣ କାରିଗରିର ଝଲକ ଦେଖିବାକୁ ମିଳେ ତାଙ୍କର ଏହି ଲିଫ୍ ଏମ୍ବ୍ରୋଏଡରୀରେ।





## କାର୍ଟୁନ କର୍ନର



# ବିଚିତ୍ର ସାମୁଦ୍ରିକ ଜୀବ











**ବିଶ୍ୱରେ ଅନେକ ପ୍ରଜାତିର ସାମୁଦ୍ରିକ ଜୀବ ଅଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ କିଛି ଜୀବ ଦେଖିବାକୁ ଖୁବ୍ ବିଚିତ୍ର ହୋଇଥାନ୍ତି। କାରଣ ଏମାନଙ୍କ ଶରୀରର ଗଢଣ ବା ଆକୃତି ଟିକେ ଭିନ୍ନ ହୋଇଥାଏ। ଜାଣନ୍ତୁ ସେମିତି କେତୋଟି ବିଚିତ୍ର ସାମୁଦ୍ରିକ ଜୀବଙ୍କ ସମ୍ପର୍କରେ...**

**ଲିଫି ସି ଡ୍ରାଗନ:** କ୍ଷୁଦ୍ର ସାମୁଦ୍ରିକ ଗୁଳ୍ମ ପରି ଦେଖାଯାଉଥିବା ଲିଫି ସି ଡ୍ରାଗନ୍ ପ୍ରକୃତରେ ଏକ ପ୍ରକାର ମାଛ। ଏମାନେ ସାଧାରଣତଃ ଅଷ୍ଟ୍ରେଲିଆର ଦକ୍ଷିଣ ଓ ପଶ୍ଚିମ ଉପକୂଳ ସମୁଦ୍ରରେ ଦେଖିବାକୁ ମିଳିଥାନ୍ତି। ଏମାନେ ସିଂଗନାଥିଡେ ପ୍ରଜାତୀର ଅଟନ୍ତି । ଲିଫି ସି ଡ୍ରାଗନ୍ ପ୍ରାୟ ୨୦ରୁ ୨୪ ସେ.ମି. ପର୍ଯ୍ୟନ୍ତ ବଢ଼ିଥାନ୍ତି। ସମୁଦ୍ରର ଭାସମାନ କ୍ଷୁଦ୍ରଜୀବ ଏମାନଙ୍କର ମୁଖ୍ୟ ଖାଦ୍ୟ। ଭାସମାନ ପତ୍ର ଭଳି ଦେଖାଯାଉଥିବା ନିଜର ଲମ୍ବା ଚିତ୍ରିତ ଡେଣା ସାହାଯ୍ୟରେ ଏମାନେ ଚଳପ୍ରଚଳ କରିଥାନ୍ତି ଏବଂ ସାମୁଦ୍ରିକ ଗୁଳ୍ମ ଭିତରେ ଲୁଚି ରହି ଶିକାରୀଙ୍କଠାରୁ ନିଜକୁ ରକ୍ଷା କରିଥାନ୍ତି।

**ଖ୍ରୀଷ୍ଟମାସ ଟ୍ରି ୱର୍ମ:** ଏମାନେ ହେଉଛନ୍ତି ଏକପ୍ରକାର ସାମୁଦ୍ରିକ ପୋକ। ଏମାନଙ୍କ ଶରୀରର ଗଠନଶୈଳୀ ଖ୍ରୀଷ୍ଟମାସ ଟ୍ରି ପରି ଦେଖାଯାଉଥିବାରୁ ଏମାନଙ୍କର ଏପରି ନାମକରଣ ହୋଇଛି। ଏମାନେ ନିଜର ଗ୍ରନ୍ଥିକେଶ ସାହାଯ୍ୟରେ ଶ୍ୱାସକ୍ରିୟା କରିଥାନ୍ତି। ଅତି କ୍ଷୁଦ୍ର ସାମୁଦ୍ରିକ ତୃଣ ହେଉଛି ଏମାନଙ୍କର ମୁଖ୍ୟ ଖାଦ୍ୟ। ସାଧାରଣତଃ ଏମାନେ ନୀଳ, ହଳଦିଆ, କମଳା, ଧଳା ଆଦି ବିଭିନ୍ନ ରଙ୍ଗରେ ଦେଖିବାକୁ ମିଳିଥାନ୍ତି।

**ଆଙ୍ଗଲର୍ ଫିଶ୍:** ସମୁଦ୍ରର ଗଭୀର ଜଳରେ ବାସ କରୁଥିବା ଏକ ଶିକାରୀ ମାଛ ଭାବେ ଏମାନେ ଜଣାଶୁଣା। ୨୦ ସେ.ମି.ରୁ ଆରମ୍ଭ କରି ଏକ ମିଟର ଲମ୍ବ ପର୍ଯ୍ୟନ୍ତ ଏକାଧିକ ପ୍ରଜାତିର ଆଙ୍ଗଲର୍ ଫିଶ୍ ଦେଖିବାକୁ ମିଳିଥାନ୍ତି। ମୁଖ୍ୟତଃ ଆଟ୍‌ଲାଣ୍ଟିକ୍ ଓ ଆଣ୍ଟାର୍କଟିକ ମହାସାଗର ହେଉଛି ଏମାନଙ୍କର ବାସସ୍ଥାନ। ବିଶେଷ କରି ଆଙ୍ଗଲର୍ ଫିଶ୍‌ର ସ୍ତ୍ରୀଜାତୀୟ ମାଛଙ୍କ ପାଟି ଉପରୁ ଆଲୋକ ପ୍ରଦାନ କରୁଥିବା ଏକ ମାଂସ ପିଣ୍ଡୁଳା ଉପରକୁ ଟେକି ହୋଇ ରହିଥାଏ। ଏହି ଆଲୋକ ଦ୍ୱାରା ଏମାନେ ଛୋଟ ଛୋଟ ମାଛକୁ ଆକର୍ଷିତ କରି ଶିକାର କରିଥାନ୍ତି। ଥରେ ଶିକାର ଏହା ପାଟି ଭିତରେ ଫସିଲେ ଏହାର ମୁନିଆ ଦାନ୍ତ ଭିତରୁ ବାହାରିବା ଅସମ୍ଭବ।

**ନରର୍ଦନ ଷ୍ଟାର୍‌ଗେଜର:** ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବ ଉପକୂଳ ସମୁଦ୍ରରେ ଦେଖିବାକୁ ମିଳୁଥିବା ଏକ ପ୍ରକାର ମାଛ ହେଉଛି ନରର୍ଦନ ଷ୍ଟାର୍‌ଗେଜର। ଏମାନେ ଦେଖିବାକୁ ବହୁତ ବିଚିତ୍ର। କାରଣ ଏମାନଙ୍କ ଆଖି ଓ ପାଟି ଊର୍ଦ୍ଧ୍ୱମୁଖୀ ହେବା ସହ ଶରୀର ରଙ୍ଗ ବାଦାମୀ, ମୁଣ୍ଡରେ ଧଳା ଦାଗ ଏବଂ ଲାଞ୍ଜରେ ପଟା ପଟା ଦାଗ ଦେଖିବାକୁ ମିଳେ। ଏହି ସାମୁଦ୍ରିକ ଜୀବ ନିଜ ଜୀବନ କାଳ ମଧ୍ୟରେ ପ୍ରାୟ ୫୬ ସେ.ମି. ପର୍ଯ୍ୟନ୍ତ ବଢିଥାଏ। ଏମାନେ ଖୁବ୍ ଚତୁରତାର ସହ ଆଖି ଉପରକୁ କରି ବାଲି ଉପରେ ଲୁଚି ରୁହନ୍ତି ; ଯେତେବେଳେ ଛୋଟ ମାଛଙ୍କୁ ଉପରେ ପହଁରୁଥିବାର ଦେଖନ୍ତି, ସାଙ୍ଗେସାଙ୍ଗେ ଉପରକୁ ଉଠି ସେମାନଙ୍କୁ ଗିଳି ପକାନ୍ତି।

**ରେଡ୍‌ହ୍ୟାଣ୍ଡ ଫିଶ୍:** ଏହି ମାଛ ଅଧିକାଂଶ ସମୟ ସମୁଦ୍ର ଚଟାଣରେ ଚାଲୁଥିବାର ଦେଖିବାକୁ ମିଳିଥାନ୍ତି। କାରଣ ଏମାନଙ୍କ ଶରୀରରେ ଏମିତି କିଛି ଡେଣା ରହିଛି, ଯାହା ତାଙ୍କୁ ସମୁଦ୍ର ଚଟାଣରେ ଚାଲିବାରେ ବି ସାହାଯ୍ୟ କରିଥାଏ। ଖାସ୍ ସେଥିପାଇଁ ଏମାନଙ୍କର ଏପରି ନାମକରଣ ହୋଇଥିବା ସନ୍ଦେହ କରାଯାଏ। ଦକ୍ଷିଣ ଅଷ୍ଟ୍ରେଲିଆ ଏବଂ ଟସ୍‌ମାନିଆର ସମୁଦ୍ର ଜଳରେ ଏମାନେ ବିଶେଷ ଭାବେ ଦେଖିବାକୁ ମିଳିଥାନ୍ତି। ଏମାନଙ୍କର ଲମ୍ବ ପ୍ରାୟ ୬୦ ସେ.ମି. ରୁ ୮୦ ସେ.ମି ଭିତରେ ହୋଇଥାଏ। କେବଳ ଏହି ଗୋଟିଏ ପ୍ରଜାତି ନୁହେଁ ପିଙ୍କ୍ ହ୍ୟାଣ୍ଡ ଫିଶ୍ ଓ ସ୍ପଟେଡ୍ ବା ଚିତ୍ରିତ ହ୍ୟାଣ୍ଡଫିଶ୍ ପରି ଆହୁରି ଅନେକ ପ୍ରଜାତିର ହ୍ୟାଣ୍ଡଫିଶ୍ ବି ଦେଖାଯାଆନ୍ତି।

**ୱବେଗଙ୍ଗ:** ପାପୋଛ ପରି ଦେଖାଯାଉଥିବା ଏହି ଜୀବ ପ୍ରକୃତରେ କାର୍ପେଟ୍ ସାର୍କ ଜାତୀୟ ଏକ ପ୍ରକାର ମାଛ। ଏମାନେ ମୁଖ୍ୟତଃ ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗରରେ ଦେଖାଯାଆନ୍ତି। ଏମାନେ ସମୁଦ୍ରର ତଳଭାଗରେ ଶୋଇ ରହିଥାନ୍ତି, ଯେତେବେଳେ ମାଛ, ଅକ୍ଟୋପସ୍ କିମ୍ବା କଙ୍କଡାଟିଏ ପାଖ ଦେଇଯିବାର ଦେଖନ୍ତି ; ସଙ୍ଗେ ସଙ୍ଗେ ଉଠି ସେମାନଙ୍କୁ ଗିଳି ପକାନ୍ତି। କିଛି ୱବେଗଙ୍ଗ୍ ପୋକକୁ ଖାଇବା ଆଶାରେ ମନ୍ଥର ଗତିରେ ମଧ୍ୟ ଶିକାର କରିଥାନ୍ତି।

ବ୍ୟାକ୍ ପେଜ୍






# କୁକୁରର ଅଜବ ଜୀବନ



**ଘ**ରେ ପେଟ୍ ଅନେକେ ରଖନ୍ତି। ପେଟ୍ ଭିତରେ କୁକୁର ପ୍ରାୟ ସମସ୍ତଙ୍କର ପ୍ରିୟ। ଘରର ଜଗୁଆଳି ସହ ପରିବାର ସଦସ୍ୟଙ୍କ ଭଲ ବନ୍ଧୁଟିଏ ହୋଇଥାଏ କୁକୁର। ଅନେକ ସମୟରେ ତ ସେ ପାଲଟିଯାଏ ଘରର ସଦସ୍ୟ। ଆଉ ତା'ର ମାଲିକ ତା' ପଛରେ ଖର୍ଚ୍ଚ କରନ୍ତି ଅନେକ ଟଙ୍କା। ୟୁ.କେ.ର ଓ୍ୱେଲ୍ସରେ ରହୁଥିବା ଏଲିସା ଥୋର୍ନ ଓ ତାଙ୍କ ପପି ଫାବିଓଙ୍କ ସମ୍ପର୍କ ବି ଠିକ୍ ସେମିତି। ଏଲିସା, ଚାଇନିଜ୍ କ୍ରେଷ୍ଟେଡ ପ୍ରଜାତିର କୁକୁର ଫାବିଓକୁ ନିଜ ସନ୍ତାନ ଭଳି ଦେଖନ୍ତି। ତାକୁ ଖୁବ୍ ଭଲ ପାଆନ୍ତି। ଆଉ ତା' ପାଇଁ ଖର୍ଚ୍ଚ କରନ୍ତି ଲକ୍ଷ ଲକ୍ଷ ଟଙ୍କା। ଦାମୀ ପୋଷାକ, ଗହଣା ସାଙ୍ଗକୁ ତା' ପାଇଁ ଏକ ବେବି ଅଡି କାର୍ ବି ସେ କିଣିଛନ୍ତି; ଯେଉଁ କାର୍‌ରେ ଫାବିଓ ବୁଲିଥାଏ। ବେକରେ ସେ ହୀରାର ପଟା ପିନ୍ଧିଥାଏ। ନିକଟରେ କ୍ରିସ୍‌ମସ୍ ସେଲିବ୍ରେଶନ୍ ବେଳେ ତ ଏଲିସା ଫାବିଓକୁ ୭ ଲକ୍ଷ ଟଙ୍କାର ଉପହାର ବି ଦେଇଛନ୍ତି।



# ମାରାଡୋନା କେକ୍

**ଫ୍ୟା**ନ୍‌ମାନେ ନିଜ ପସନ୍ଦର ସେଲିବ୍ରିଟିଙ୍କ ପାଇଁ କିଛି ବି କରିପାରନ୍ତି; ଯାହାର ପ୍ରମାଣ ନିକଟରେ ଦେଖିବାକୁ ମିଳିଛି। ନଭେମ୍ବର ୨୫, ୨୦୨୦ରେ ଫୁଟବଲ୍‌ର କିମ୍ବଦନ୍ତୀ ଖେଳାଳି ଡିଏଗୋ ମାରାଡୋନାଙ୍କ ଦେହାନ୍ତ ହୋଇଥିଲା। ସାରା ପୃଥିବୀରେ ଥିବା ତାଙ୍କର ଫ୍ୟାନ୍‌ମାନେ ଏଥିରେ ବେଶ୍ ମର୍ମାହତ ହୋଇଥିଲେ। ତାମିଲନାଡୁ, ଚେନ୍ନାଇର ରାମନାଥପୁରମ୍‌ରେ ବି ତାଙ୍କର ଜଣେ ଫ୍ୟାନ୍ ଅଛନ୍ତି। ସେ ମାରାଡୋନାଙ୍କୁ ଏତେ ଭଲ ପାଆନ୍ତି ଯେ, ତାଙ୍କ ମୃତ୍ୟୁପରେ ମାରାଡୋନାଙ୍କ ଭଳି ଦେଖିବାକୁ ଏକ ୬ ଫୁଟ୍‌ର କେକ୍ ତିଆରି କରିଥିଲେ। ଆଉ ତାକୁ ନିଜ ବେକେରି ଶପ୍‌ର ଡିସ୍‌ପ୍ଲେରେ ରଖିଥିଲେ। ଲୋକେ ଏହି ମାରାଡୋନା କେକ୍‌କୁ ଦେଖି ଖୁସି ହେବା ସହ ଆଶ୍ଚର୍ଯ୍ୟ ବି ହୋଇଥିଲେ। ଏହି କେକ୍ ତିଆରି କରିବା ପାଇଁ ତାଙ୍କୁ ୪ ଦିନ ସମୟ ଲାଗିଥିଲା। ଏଥିରେ ୨୭୦ ଅଣ୍ଡା ସହ ୬୦ କି.ଗ୍ରା. ଚିନି ବ୍ୟବହାର କରାଯାଇଥିଲା। ଏହା ପୂର୍ବରୁ ଉକ୍ତ ବେକେରି ଶପ୍‌ରେ ଏପିଜେ ଅବ୍‌ଦୁଲ କଲାମଙ୍କ କେକ୍ ତିଆରି କରି ଡିସ୍‌ପ୍ଲେରେ ରଖାଯାଇଥିଲା।

# ଚିପ୍ସ ପ୍ୟାକେଟ୍‌ରେ ତିଆରି କଲେ କମ୍ବଳ



**କୌ**ଣସି ଜିନିଷ ଅଦରକାରୀ ନୁହେଁ। ଅଦରକାରୀ ମନେକରୁଥିବା ଜିନିଷରୁ ବି ଅନେକ ଦରକାରୀ ଜିନିଷ ତିଆରି ହୋଇପାରେ; ଯାହା ପ୍ରମାଣିତ କରି ଦେଖାଇଛନ୍ତି ୨୩ ବର୍ଷୀୟ ମାଇଲି ପୋରିଟ୍। ଏହି ଯୁବକଜଣକ ଡଷ୍ଟବିନ୍ ଓ ରାସ୍ତାଘାଟରୁ ଚିପ୍ସ ପ୍ୟାକେଟ୍ ସଂଗ୍ରହ କରି ତିଆରି କରୁଛନ୍ତି ବ୍ଲାଙ୍କେଟ୍ ବା କମ୍ବଳ। ଆଉ ସେଗୁଡିକୁ ଫୁଟ୍‌ପାଥ୍‌ରେ ଶୋଉଥିବା ଗରିବଙ୍କୁ ଦେଉଛନ୍ତି। ମାଇଲି ନିଜେ ବି ଜଣେ ଅନାଥ। ସେ ବି ଫୁଟ୍‌ପାଥରେ ଜୀବନ ବିତାଇଛନ୍ତି। ତେଣୁ ଫୁଟପାଥରେ ଶୀତରାତି କେତେ କଷ୍ଟଦାୟକ ଭଲଭାବେ ଜାଣନ୍ତି। ମାଇଲି ଫୁଟ୍‌ପାଥ୍‌ରେ ରହି ମଧ୍ୟ ନିଜ ଚେଷ୍ଟାରେ ସ୍କୁଲ ପଢା ପୂରଣ କରି ରେଷ୍ଟୁରାଣ୍ଟରେ ମ୍ୟାନେଜର ଭାବେ ରହିଥିଲେ। ଆଉ କଲେଜ୍‌ରେ ଡିପ୍ଲୋମା କଲେ। ଲକ୍‌ଡାଉନ୍ ସମୟରେ ସେ ତାଙ୍କର ଆଇରନିଂ ବ୍ୟବସାୟ ଆରମ୍ଭ କରିଛନ୍ତି; ଯେଉଁଥିରେ ଭଲ ରୋଜଗାର ହେଉଛି। ଏହି ବ୍ୟବସାୟ ସହ ସେ ଚିପ୍ସ ପ୍ୟାକେଟ୍‌ରେ କମ୍ବଳ ମଧ୍ୟ ତିଆରି କରୁଛନ୍ତି। ଗୋଟିଏ କମ୍ବଳ କରିବା ଲାଗି ୭୭ଟି ପ୍ୟାକେଟ୍ ଦରକାର ହୁଏ। ଏହି ପ୍ୟାକେଟ୍‌ଗୁଡିକୁ ସେ ଆଇରନ୍ କରି ଜଏଣ୍ଟ କରିଥାଆନ୍ତି। ତାଙ୍କ ମତରେ ଏହି କମ୍ବଳଗୁଡିକ ବହୁତ ଉଷ୍ମତା ପ୍ରଦାନ କରିଥାଏ। ଏବେ ସେ ଅନ୍‌ଲାଇନ୍‌ରେ ସଫା ଖାଲି ଚିପ୍ସ ପ୍ୟାକେଟ୍ ପ୍ରଦାନ କରିବା ପାଇଁ ଲୋକଙ୍କୁ ଅନୁରୋଧ କରୁଛନ୍ତି। ଫଳରେ ତାଙ୍କ ପାଖକୁ ଲକ୍ଷ ଲକ୍ଷ ଚିପ୍ସ ପ୍ୟାକେଟ୍ ଆସୁଛି। ଆଉ ସେ ବହୁ ସଂଖ୍ୟାରେ କମ୍ବଳ ତିଆରି କରି ଗରିବଙ୍କ ମଧ୍ୟରେ ବାଣ୍ଟିପାରୁଛନ୍ତି। ଏହାଦ୍ୱାରା ଅନେକ ଲୋକ ଉପକୃତ ହେବା ସହ ପରିବେଶର ରକ୍ଷା ବି ହେଇପାରୁଛି।